ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.34 Bhubaneswar Saturday March 11 2023 | ୨୬ତମ ବର୍ଷ ସଂଖ୍ୟା-୩୪ ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


## ପୁରୀ ନୀଳାଦ୍ରି କମ୍ପ୍ଲେକ୍ସ ହାଣ୍ଡଲୁମ୍ ଶୋ' ରୁମରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୦।୩(ପି.ଏନ): ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସର ଭୟାବହ ଅଗ୍ନିକାଣ୍ଡ ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ପୁରୀର ଆଉ ଗୋଟିଏ ସ୍ଥାନରେ ନିଆଁ ଲାଗିଛି। ଆଜି ଅପରାହ୍ନରେ ବଡ ଦାଣ୍ଡରେ ଥିବା ନୀଳାଦ୍ରି କମ୍ଲେକ୍ସରେ ଥିବା ହାଣ୍ଡଲୁମ ଶୋ' ରୁମରେ ଅଗ୍ନିକାଣ୍ଡ ଘଟିଛି। ଶର୍ଟ ଶର୍କିଟ ଯୋଗୁ ଶୋ' ରୁମ ସୁଇଚ୍ ରୁମରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ବୁଧବାର ସନ୍ଧ୍ୟା ପ୍ରାୟ ୮ଟାରେ ଯେଉଁ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟିଥିଲା, ତା' ଠାରୁ ଅଳ୍ପ ଦୂରରେ ଏହି ନୀଳାଦ୍ରି କମ୍ପ୍ଲେକ୍ସଟି ରହିଛି। ଆଜିର ଅଗ୍ନିକାଣ୍ଡକୁ ନେଇ ଲୋକଙ୍କ ମନରେ ଆତଙ୍କ ଖେଳି ଯାଇଥିଲେ ହେଁ ପୁରି ଏସ୍ ?ପି କନଓ୍ୱର ବିଶାଳ ସିଂହ ଆଦୌ ବ୍ୟସ୍ତ ନ ହେବାକୁ କହିଛନ୍ତି। ସେ କହିଛନ୍ତି, ଶର୍ଟ ଶର୍କିଟ ଯୋଗୁ ଛୋଟ ଧରଣର ଘଟଣା ଘଟିଥିଲା। ୧୧୨କୁ କଲ୍ ପରେ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ୫/୧୦ ମିନିଟ ମଧ୍ୟରେ ସବୁକିଛି ସ୍ୱାଭାବିକ କରିଦିଆଯାଇଛି। କୌଣସି ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ।"ନିଳାଦ୍ରୀ କମ୍ଲେକ୍ସର ଦ୍ୱିତୀୟ ମହଲାରେ ଥିବା ଓଡିଶା ହାଣ୍ଡଲୁମରେ ନିଆଁ ଲାଗିଥିଲା। ତେବେ ଅଗ୍ନି ନିର୍ବାପକ ଯନ୍ତ୍ର ମାଧ୍ୟମରେ ନିଆଁକୁ ତୁରନ୍ତ ଆୟତ୍ତ କରାଯାଇଥିଲେ।




## ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

ଭୁବନେଶ୍ୱର ,୧୦।୩(ପି.ଏନ): ଆଜିଠାରୁ ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷାର ପ୍ରଥମ ଦିନରେ ପରୀକ୍ଷାର୍ଥୀମାନେ ସକାଳ ୮ଟାରୁ ମାତୃଭାଷା ପରୀକ୍ଷା ଦେଇଛନ୍ତି। ରାଜ୍ୟର ମୋଟ ୩୨୧୮ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ପିଲା ମାନେ ପରୀକ୍ଷା ଦେଇଛନ୍ତି । ଏହି ପରୀକ୍ଷା ପାଇଁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପରୀକ୍ଷାର୍ଥୀଙ୍କ ପାଇଁ ସକାଳ ୭ଟାରୁ ପରୀକ୍ଷା କେନ୍ଦ୍ର ଖୋଲା ରହିଥିଲା। ପିଲା ମାନଙ୍କୁ ମଧ୍ୟ ସକାଳ ୭ଟାରୁ ପରୀକ୍ଷା କେନ୍ଦ୍ରରେ ପହଂଚିବାକୁ କୁହା ଯାଇଥିଲା ।

## କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୪ ଗିରଫ

ଗଞ୍ଜାମ, ୧୦।୩(ପି.ଏନ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ପୋଲିସ ଚଢ଼ଉ କରି ୩୦୧ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ କୋଟିଏ ଟଙ୍କା ହେବ । ପାଟପୁର ପୋଲିସ ଟି. ଗୋବିନ୍ଦପୁର ପଚାଂୟତର ବୋରେଇ ପାହାଡ଼ ଓ କୃଷ୍ଣପୁରରେ ପୃଥକ୍ ପୃଥକ୍ ଚଢ଼ଉ କରି ଏହି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ଗଞ୍ଜେଇ ଅମଳ ପରେ ବିକ୍ରୀ ପାଇଁ ଗଚ୍ଛିତ ଥିଲା । କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ ସେଠାରେ ଚଢ଼ଉ କରିଥିଲା । ଏହି ଚଢ଼ଉରେ ଶେରଗଡ଼ ଥାନା ଆଇଆଇସି ମନୋଜ କୁମାର ପ୍ରଧାନ, ଧରାକୋଟ ଥାନା ଆଇଆଇସି ମମତା ସାମନ୍ତରାୟ ଓ ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲିଙ୍କ ସମେତ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ । ଏ ସଂକ୍ରାନ୍ତରେ ପାଟପୁର ଥାନାରେ କେସ୍ ନଂ ୧୨୧/୨୩ ଏବଂ କେସ୍ ନଂ ୧୨୨/୨୩ ରେ ଦୁଇଟି ମାମଲା ରୁଜୁ କରାଯାଇଛି । ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ।

## ସିଏଫଏସଏଲ ଯିବ ସନ୍ଦିଗ୍ଧ ପାରା

ଭୁବନେଶ୍ୱର ,୧୦।୩(ପି.ଏନ): ପାରାଦୀପ ସମୁଦ୍ରରୁ ଧରାପଡ଼ିଥିବା ସନ୍ଦିଗ୍ଧ ପାରାକୁ ସେଂଟ୍ରାଲ ଫୋରେନସିକ ସାଇନ୍ସ ଲ୍ୟାବ୍(ସିଏଫଏସଏଲ) ପଠାଯିବ। ଗତକାଲି ରାଜ୍ୟ ଫୋରେନସିକ ଲ୍ୟାବକୁ ପାରାକୁ ଅଣାଯାଇଥିବା ବେଳେ କୌଣସି ନିଷ୍କର୍ଷରେ ପହଂପାରିନାହାନ୍ତି। ତେଣୁ ସନ୍ଦିଗ୍ଧ ପାରାକୁ କୋଲକାତା କିମ୍ବା ହାଇଦ୍ରାବାଦ ସ୍ଥିତ ସିଏଫଏସଏଲକୁ ପଠାଯିବ। ସେଠାରେ ପାରା ଦେହରେ ଥିବା ଲେଖା ଓ ଡିଭାଇସ୍ ଯାଂଚ ହେବ। ଜଗତସିଂହପୁର ଏସ୍‌ପି ରାହୁଲ ପି.ଆର ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ ପାରା ଦେହରୁ ଜବତ ସ୍ପାଏ କ୍ୟାମେରା ଏବଂ ଇଲେକ୍ଟ୍ରୋନିକ ଚିପ ସାଇବର ଏକ୍ସପର୍ଟଙ୍କ ଦ୍ୱାରା ଯାଂଚ କରାଯିବ। ବିଶେଷଜ୍ଞମାନେ ଇଲେକ୍ଟ୍ରୋନିକ୍ସ ଡିଭାଇସଗୁଡିକରେ କ'ଣ ତଥ୍ୟ ରହିଛି ସେସବୁର ଆନାଲିସିସ୍ କରିବେ। ତା'ପରେ ସବୁକିଛି ସ୍ପଷ୍ଟ ହେବ।ସୂଚନାଯୋଗ୍ୟ ଯେ ପାରାଦୀପ ମୁହାଣ ଦେଇ କିଛି ମତ୍ସ୍ୟଜୀବୀ ଟ୍ରଲରରେ ମାଛ ଧରୁଥିବା ବେଳେ ଗୋଟିଏ ପାରା ଟ୍ରଲର ଚାରି ପାର୍ଶ୍ୱରେ ଘୂରି ବୁଲୁଥିଲା। ପାରା ଗୋଡ଼ରେ ସ୍ପାଏ କ୍ୟାମେରା ଖଞ୍ଜା ହୋଇଥିବା ଓ ସେଥିରେ ବିଦେଶୀ ଭାଷାରେ ଲେଖାଯାଇଥିବା ମତ୍ସ୍ୟଜୀବୀମାନେ ଦେଖିବାକୁ ପାଇଥିଲେ। ପରେ କୌଶଳ କରି ପରାକୁ ଧରିଥିଲେ। ବୁଧବାର ମତ୍ସ୍ୟଜୀବୀମାନେ କୂଳକୁ ଆସି ପାରାକୁ ପାରାଦୀପ ମେରାଇନ୍ ଥାନା ପୁଲିସ୍ କୁ ହସ୍ତାନ୍ତର କରିଥିଲେ। ଗୁରୁବାର ସନ୍ଦିଗ୍ଧ ପାରାକୁ କଟକରୁ ଭୁବନେଶ୍ୱରସ୍ଥିତ ଫୋରେନସିକ ଲ୍ୟାବକୁ ଅଣାଯାଇଥିଲା।

## କିଛି ସ୍ଥାନରେ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୦।୩(ପି.ଏନ): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଘଡଘଡି ସହ ବର୍ଷା ହୋଇପାରେ। ଏନେଇ ୯ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।ଆଗାମୀ ୫ ଦିନର ପାଣିପାଗ ସମ୍ପର୍କରେ ସୂଚନା ଦେଇ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍‌ଆର ବିଶ୍ୱାସ କହିଛନ୍ତି, ଗତ ୨୪ ଘଣ୍ଟାରେ କେନ୍ଦୁଝର ଓ ମୟୂରଭଞ୍ଜର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ରେକର୍ଡ କରାଯାଇଛି। ସକ୍ରିୟ ପଶ୍ଚିମା-ଝଡ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାର ଜାମଦାରେ ୨ମିମି, ବାହାଲଦାରେ ୨.୬ ମିମି ଓ କେନ୍ଦୁଝରର ଚମ୍ପୁଆରେ ୩.୫ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ପଶ୍ଚିମା ଝଡ଼ ପ୍ରଭାବରେ ଉପକୂଳ ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଆଂଶିକ ମେଘାଛନ୍ନ ରହିଛି। ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦିନର ତାପମାତ୍ରା ସ୍ୱାଭାବିକ ବା ଏହାର ପାଖାପାଖି ରହିଛି ।ଆସନ୍ତା ୨୪ ଘଣ୍ଟା ମଧ୍ୟରେ କିଛି ଜିଲ୍ଲାରେ ଘଡଘଡି ସହ ବର୍ଷାର ସମ୍ଭାବନା ରହିଛି। ମୁଖ୍ୟତଃ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ରହିଛି। ସେହିପରି ଆସନ୍ତାକାଲି ସକାଳ ୮.୩୦ ସୁଦ୍ଧା ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୟାଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା ଓ ପୁରୀରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ଏହାବାଦ ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଜିଲ୍ଲାରେ ମଧ୍ୟ ଘଡଘଡି ସହ ବର୍ଷାର ଆଶଙ୍କା ରହିଛି।




ସମର୍ପଣ-୨୦୨୩ର ଦ୍ୱିତୀୟ ଦିବସକୁ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ପୂର୍ବତନ ପ୍ରଶାସକ ଡକ୍ଟର ଅରବିନ୍ଦ ବେହେରା, ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ, ଆଇସିସିଆର ପୂର୍ବ ଜୋନ ମୁଖ୍ୟ ଶ୍ରୀ ମିନାକ୍ଷୀ ମିଶ୍ର, ଗାୟିକା ମିରା ପଣ୍ଡା, କଳାକାର ଶ୍ରୀ ସନତ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରୁଛନ୍ତି

## ନବ ଦାସ ହତ୍ୟା କାଣ୍ଡ ମାମଲାରେ ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର , ୧୦।୩(ପି.ଏନ): କିଛି ଦିନର ବ୍ୟବଧାନ ପରେ ଓଡିଶା ବିଧାନସଭାର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆଜି ଠାରୁ ପୁଣି ଆରମ୍ଭ ହୋଇଛି । ଆଜି ବିଧାନସଭାରେ ବିରୋଧୀ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କ ନବ ଦାସ ହତ୍ୟାକାଣ୍ଡ ମାମଲାରେ ହଟ୍ଟଗୋଳ କାରଣରୁ ପ୍ରଥମାର୍ଦ୍ଧ ବୈଠକରେ କୌଣସି କାମ ହୋଇ ପାରି ନ ଥିଲା । ହଟ୍ଟଗୋଳ କାରଣରୁ ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ । ଏହି କାରଣରୁ ଆଜି ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ଆଜି ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରି ଶିକ୍ଷ ମନ୍ତ୍ରୀ ପ୍ରତାପ କେଶରୀ ଦେଓଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ଡାକିଥିଲେ । ଶ୍ରୀ ଦେଓ ପ୍ରଶ୍ନର ଉତର ଦେବା ଆରମ୍ଭ କରିଥିଲେ । ହେଲେ ବିରୋଧୀ ବିଜେପି ଓ କଂଗ୍ରେସର ବିଧାୟକ ମାନେ ନବ ଦାସ ହତ୍ୟାକାଣ୍ଡ ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ନାରାବାଜୀ କରି ଥିବା ଦେଖିବାକୁ ମିଳିଥିଲା । ଉଭୟ ଦଳର ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ସ୍ଲୋଗାନ ଦେଇଥିଲେ । ଅନ୍ୟ ପକ୍ଷରେ ବିଭାଗୀୟ ମନ୍ତ୍ରୀ ତାଙ୍କର ଉତର ଦେବା ଜାରୀ ରଖିଥିଲେ । ହେଲେ ସ୍ଲୋଗାନ ଦିଆଯାଉଥିବା କାରଣରୁ ତାଙ୍କର ଉତର ପ୍ରେସ ଗ୍ୟାଲେରୀକୁ ସ୍ପଷ୍ଟ ହେଉ ନ ଥିଲା । ବାଚସ୍ପତି ବିରୋଧୀ ବିଧାୟକ ମାନଙ୍କୁ ନିଜନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ହେଲେ ବିରୋଧୀ ମାନଙ୍କ ଉପରେ ତାଙ୍କର ଅନୁରୋଧର କୌଣସି ପ୍ରକାର ପ୍ରଭାବ ପଡି ନ ଥିଲା । ତେଣୁ ବାଚସ୍ପତି ବାଧ ହୋଇ ଗୃହକୁ ୧୦.୩୨ରୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ବିଧାୟକ ମାନେ ସେହି ସମାନ ପ୍ରସଙ୍ଗରେ ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ । ବାଚସ୍ପତି ରାଜ୍ୟର ଅର୍ଥ ମନ୍ତ୍ରୀଙ୍କୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଥିବା ପ୍ରସ୍ତାବ ସମ୍ପର୍କରେ ସୂଚନା ଦେବାକୁ ଡାକିଥିଲେ । ତଦନୁଯାୟୀ ଅର୍ଥ ମନ୍ତ୍ରୀ ନିରଂଜନ ପୂଜାରୀ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ କ୍ୟାବିନେଟ ନିଷ୍ପତି ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ । ଏହା ସତ୍ୱେ ବିରୋଧୀ ମାନେ ନବ ଦାସ ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ ଜାରୀ ରଖିଥିଲେ । ବାଚସ୍ପତି ଶ୍ରୀ ଆରୁଖ ୧୧.୩୭ରୁ ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ଆସାମରେ ୧୦ କୋଟି ଟଙ୍କାର ହେରୋଇନ୍ ଜବତ, ତିନି ତସ୍କର ଗିରଫ

କରିମଗଂଜ , ୧୦।୩(ପି.ଏନ): କରିମଗଂଜର ନୂଆ ପୋଲିସ ଅଧିକ୍ଷକ ପାର୍ଥ ପ୍ରତିମ ଦାସ ପୁଣି ଡ୍ରଗ୍ସ କାରବାରରେ ଲିପ୍ତ ଥିବା ତସ୍କର ମାନଙ୍କ ବିରୋଧରେ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି । ଏସିପି ଦାସଙ୍କ ନେତୃତ୍ୱରେ ସିଭିଲ ଡ୍ରେସରେ ପୋଲିସର ଏକ ଦଳ ଶୁକ୍ରବାରଦିନ ଆସାମ-ମିଜୋରାମ ତଟବର୍ତ୍ତୀ ଅଂଚଳରେ ରେଡ କରିଛନ୍ତି ଏବଂ ୧୦ କୋଟି ଟଙ୍କାର ହେରୋଇନ୍ ଜବତ କରିବା ସହିତ ତିନିଜଣ ତସ୍କରଙ୍କୁ ଗିରଫ କରିଛନ୍ତି ।

## ଆଜିଠୁ ପୁଣି ଥରେ ଜିନପିଙ୍ଗ ଯୁଗ ଆରମ୍ଭ, ତୃତୀୟ ଥର ପାଇଁ ହେଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,୧୦।୩(ପି.ଏନ): ସିଜିନପିଙ୍ଗ ମୁଣ୍ଡରେ ପୁଣି ଥରେ ହାତୀ ଢାଳିଲା ସୁନା କଳସ । ତୃତୀୟ ଥର ପାଇଁ ଚୀନ୍‌ର ପ୍ରଥମ ନାଗରିକ ଭାବେ ନିର୍ବାଚିତ ହୋଇଛନ୍ତି ସି ଜିନପିଙ୍ଗ । ଆଜିଠୁ ନିଜ ଶାସନର ତୃତୀୟ ପାଳି ଆରମ୍ଭ କରିଛନ୍ତି ସି ଜିନପିଙ୍ଗ ।ଗତ ବର୍ଷ ଅକ୍ଟୋବରରେ ଚୀନ୍ କମ୍ୟୁନିଷ୍ଟ ପାର୍ଟି (ସିସିପି) ର ମୁଖ୍ୟ ଭାବରେ ସି ଜିନପିଙ୍ଗଙ୍କ ଆଉ ପାଞ୍ଚ ବର୍ଷ କାର୍ଯ୍ୟକାଳ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ଚୀନ୍‌ର ରବର ଷ୍ଟାମ୍ପ କୁହାଯାଉଥିବା ସଂସଦ ତାଙ୍କୁ ରାଷ୍ଟ୍ରପତି ଭାବରେ ନିଯୁକ୍ତି କରିଛି। ଏଥିସହ ସେ ଦେଶର କେନ୍ଦ୍ରୀୟ ସାମରିକ ଆୟୋଗର ମୁଖ୍ୟ ଭାବରେ ମଧ୍ୟ ପୁନଃ ନିର୍ବାଚିତ ହୋଇଛନ୍ତି ।ଗତ ଅକ୍ଟୋବରରେ ଶୂନ-କୋଭିଡ ନୀତି ଲାଗୁ କରିବା ଓ ପରେ ତାହାକୁ ପ୍ରତ୍ୟାହାର କରିବା ନେଇ ୬୯ ବର୍ଷୀୟ ଜିଙ୍ଗପିନ୍‌ଙ୍କୁ ଖୁବ୍ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ତେବେ ଚଳିତ ସପ୍ତାହରେ ନ୍ୟାସନାଲ ପିପୁଲ କଂଗ୍ରେସ ମିଟିଂରେ ଏହି ପ୍ରସଙ୍ଗଗୁଡିକୁ ଏଡାଇ ଦିଆଯାଇଥିଲା। ଉକ୍ତ ମିଟିଙ୍ଗରେ ଜିନପିଙ୍ଗଙ୍କ ନିକଟତମ କୁହାଯାଉଥିବା ଲି କିଆଙ୍ଗଙ୍କୁ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି।

## କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମାଲିକ/ପ୍ରକାଶକ/ ସମ୍ପାଦକଙ୍କ ରାଜ୍ୟସ୍ତରୀୟ ସମାବେଶ

ଭୁବନେଶ୍ୱର,୧୦।୩(ପି.ଏନ): ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଇ ଆସୁଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମାଲିକ/ପ୍ରକାଶ/ସମ୍ପାଦକମାନେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହୋଇ ସମ୍ବାଦପତ୍ର ପ୍ରକାଶ କରିଆସୁଛନ୍ତି। ମହାମାରୀ କରୋନା ଯୋଗୁଁ ବହୁ ସମ୍ବାଦପତ୍ର ପ୍ରକାଶନ ଏହା ମଧ୍ୟରେ ବନ୍ଦ ହୋଇଯାଇଛି। ଅପରପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଜ୍ଞାପନ ନୀତି ଝିଣ୍ଟିକା ମାରି ବଣି ପୋଷିବା ନ୍ୟାୟ ଭଳି ହୋଇଛି। ଏଠାରେ ଉଲ୍ଲେଖ କରାଯାଇ ପାରେ ପ୍ରାୟତଃ ବଡ଼ ସମ୍ବାଦପତ୍ରଗୁଡ଼ିକ ଏକଚାଟିଆ ବ୍ୟବସାୟୀ ଏବଂ ନିର୍ଦ୍ଦିଷ୍ଟ ରାଜନୈତିକ ଦଳଙ୍କ ହାତ ବାରସି ହୋଇ ସମ୍ବାଦ ପରିବେଷଣକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଫଳରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବ୍ୟାହତ ସୃଷ୍ଟି ହେଉଛି। ଅପରକ୍ଷରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦକ ପତ୍ର ମାଲିକମାନେ ଏହାକୁ ପେଷା ଭାବରେ ଗ୍ରହଣ କରିଥିବାରୁ ଢୋକେ ପିଇ ଦଣ୍ଡେ ଜୀଇଁ ନୀତିରେ ନିଜ ଅଞ୍ଚଳର ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଦେଇ ନିଜର ସମ୍ବାଦତ୍ର ପ୍ରକାଶ କରିଆସୁଥିବା ଘଟଣା ପ୍ରଶଂସନୀୟ ଅଟେ। କ୍ରମାଗତ ଭାବେ ସରକାରୀ ଅବହେଳାର ଶିକାର ହୋଇ ଆସୁଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦକ ପତ୍ରଗୁଡ଼ିକର ସମ୍ପାଦକ ମାଲିକ ଓ ପ୍ରକାଶକମାନଙ୍କ ଏକ ଶକ୍ତିଶାଳୀ ସଙ୍ଗଠନର ଆବଶ୍ୟକତା ରହିଛି। ଏହି ଘଟଣାକୁ ହୃଦୟଙ୍ଗମ କରି ସଙ୍ଗଠନ ପକ୍ଷରୁ ଏ ସମ୍ପର୍କରେ ବ୍ୟାପକ ବିଚାର ବିମର୍ଷ କରିବା ପାଇଁ ଚଳିତ ମାର୍ଚ୍ଚ ୧୨ ତାରିଖ ପୂର୍ବାହ୍ଣ ୧୧.୦୦ ଘଟିକା ସମୟରେ କଟକ ବକ୍ସିବଜାରସ୍ଥିତ ଓଟିଡିସି ପାନ୍ଥନିବାସ ଠାରେ ନବୀନର ସମ୍ପାଦକ ତଥା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦକ ପତ୍ର ମହାସଂଘର ଆବାହକ ରବି ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକର ଦୈନିକ ପର୍ଯ୍ୟବେକ୍ଷକ ଓ ଦି' କଳିଙ୍ଗ କ୍ରୋନିକଲର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଓ ସମଦୃଷ୍ଟିର ସମ୍ପାଦକ ଶ୍ରୀ ସୁଧିର ପଟ୍ଟନାୟକ ସମ୍ମତି ପ୍ରଦାନ କରିଛନ୍ତି। ଏହି ବୈଠକରେ ଯୋଗଦେଇ ସଙ୍ଗଠନର ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୁଚିନ୍ତିତ ମତାମତ ପ୍ରଦାନ କରିବା ପାଇଁ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦ ପତ୍ର ମହାସଂଘର ସମ୍ପାଦକ ଶ୍ରୀ ପ୍ରଦୀପ କୁମାର ପରିଡ଼ା ଓ ଆବାହକ ଶ୍ରୀ ରବି ରଥ ନିବେଦନ କରିଛନ୍ତି।

## ରାଉରକେଲା ଗସ୍ତରେ ମୁଖ୍ୟମନ୍ତ୍ରୀ : ୯୬୪ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭେଟି

ରାଉରକେଲା/ଭୁବନେଶ୍ୱର ,୧୦।୩(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଉରକେଲା ଗସ୍ତରେ ଆସି ୯୬୪ କୋଟି ଟଙ୍କାର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ରାଉରକେଲା ସହରର ବିର୍ସା ଛକ ଠାରେ ନିର୍ମିତ ନୂତନ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍ ସମେତ ବିର୍ସା ମୁଣ୍ଡା ସୁଇମିଂ କମ୍ପ୍ଲେକ୍ସ ଏବଂ ବହୁତଳ କାର ପାର୍କିଂ ସୁବିଧାର ଉଦଘାଟନ କରିଛନ୍ତି। ୧୫୭. ୨୧ କୋଟି ଟଙ୍କା ମୂଲ୍ୟରେ ୧୦ ଏକର ଜମିରେ ଏହି ଷ୍ଟାଡିୟମ୍ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନିର୍ମିତ ହୋଇଛି । ପ୍ରାୟ ୧୦ହଜାର ଦର୍ଶକ ଏକକାଳୀନ ଏଠାରେ ବସି ଖେଳ ଉପଭୋଗ କରିପାରିବେ । ଏଠାରେ ଫୁଟବଲ ସମେତ ଟ୍ରାଗ୍ ଆଣ୍ଡ ଫିଲ୍ଡ ବିଭାଗର ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇପାରିବ। ଏଥିସହିତ ଏଠାରେ ନିର୍ମିତ ସୁଇମିଂ ପୁଲରେ ସନ୍ତରଣ ନେଇ ପ୍ରଶିକ୍ଷଣ ଦିଆଯିବା ସହ ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ। ଏହା ସହିତ ୨ମହଲା ବିଶିଷ୍ଟ ମଲ୍ଟି ଲେବଲ୍ କାର ପାର୍କିଂ ବ୍ୟବସ୍ଥା ମଧ୍ୟ ରହିଛି । ଅନ୍ୟପକ୍ଷରେ ସୁନ୍ଦରଗଡ଼ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଘାଟ, ପରିମଳ, କୃଷି ଏବଂ ପର୍ଯ୍ୟଟନ ଇତ୍ୟାଦିର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଯେପରିକି ୫୩.୫୩ କୋଟି ଟଙ୍କାର ପାନପୋଷଠାରେ ବଜାର ଗୃହ ନିର୍ମାଣ, ୧୧.୭୭ କୋଟି ଟଙ୍କାର ଆସ୍ଥା ଗୃହ (ମାନସିକ ରୋଗଗ୍ରସ୍ତ ମହିଳାଙ୍କ ପାଇଁ), ୨୩୨ କୋଟି ଟଙ୍କାର ୫ଗୋଟି ଉଚ୍ଚ କ୍ଷମତା ସମ୍ପନ୍ନ ଉଠା ଜଳ ସେଚନ ପ୍ରକଳ୍ପ, ଟାଙ୍ଗରପାଲ୍ଲୀ ବ୍ଲକ୍‌ର ଉଜଳପୁର ଠାରେ ୨.୫୫ କୋଟି ଟଙ୍କା ମୂଲ୍ୟର ମାର୍କେଟ ୟାର୍ଡ ଓ ଗୋଦାମ ଗୃହ, ୩୩.୯୦ କୋଟି ଟଙ୍କାର ୧୪ ଗୋଟି ଅନୁସୂଚିତ ଜାତି ଓ ଜନଜାତି / ପଛୁଆ ବର୍ଗଙ୍କ ନିମନ୍ତେ ଛାତ୍ରାବାସ, ୨୩୭.୨୦ କୋଟି ଟଙ୍କାର ୬୬ ଗୋଟି ରାସ୍ତା ପ୍ରକଳ୍ପ, ୧୧.୫୦ କୋଟି ଟଙ୍କାର ୨୭୩ ଗୋଟି ପଂଚାୟତସ୍ତରୀୟ ବର୍ଜ୍ୟବସ୍ତୁ ପୃଥକୀକରଣ ଓ ଗୋଟିଏ କଠିନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ସରଫଗଡ଼ ଠାରେ ୭୫ ଲକ୍ଷ ଟଙ୍କାର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ, ୬.୪୭ କୋଟି ଟଙ୍କାରେ ନିର୍ମିତ ୨୩ ଗୋଟି ଅଙ୍ଗନୱାଡି କେନ୍ଦ୍ର, ୬୩.୨୯ କୋଟି ଟଙ୍କାରେ ନିର୍ମିତ ୪୭ ଗୋଟି ଗୋଷ୍ଠୀ ସଭା ଗୃହ, ୨୫.୩୭ କୋଟି ଟଙ୍କାରେ ନିର୍ମିତ ୮୫ ଗୋଟି ବିଦ୍ୟାଳୟ ଗୃହ, ୧.୩୪ କୋଟି ଟଙ୍କାରେ ନିର୍ମିତ ୩ଟି ଗୋଷ୍ଠୀ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏହା ସହିତ ୬୬.୯୩ କୋଟି ଟଙ୍କାର ବ୍ୟାୟରେ ନିର୍ମିତ ହେବାକୁ ଥିବା ୨୩ ଗୋଟି ରାସ୍ତା, କଲଭର୍ଟ ଏବଂ ଗୃହ ନିର୍ମାଣ କାର୍ଯ୍ୟ , ୮.୭୯ କୋଟି ଟଙ୍କାରେ ହେବାକୁ ଥିବା ୨୯ ଗୋଟି ଗୋଷ୍ଠୀ ସଭା ଗୃହ, ୩୫.୨୬ କୋଟି ଟଙ୍କା ମୂଲ୍ୟରେ ହେବାକୁ ଥିବା ୭୩ ଗୋଟି ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରକଳ୍ପ, ୧୬.୧୦ କୋଟି ଟଙ୍କାରେ ଲାଇଙ୍ଗ ଠାରେ ହେବାକୁ ଥିବା ପ୍ରାକୃତିକ ପର୍ଯ୍ୟଟନସ୍ଥଳର ଉନ୍ନତିକରଣ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ତଥା ଜିଲ୍ଲା ଯୋଜନ ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନ, କ୍ରୀଡ଼ା ଏବଂ ଯୁବ ସେବା ସଚିବ ଆର. ଭିନିଲ୍ କ୍ରିଷ୍ଣା, ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ କର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ମହାଜନ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚଣ୍ଡିଖୋଲଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା, ଜଣେ ମୃତ

ଧର୍ମଶାଳା,୧୧୦।୩(ପି.ଏନ): ଯାଜପୁର ଜିଲା ବଡଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଟ୍ରାଫିକ ପୋଷ୍ଟ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ବାଇକ୍ ଚାଳକ ଜଣକ ହେଲେ ରସୁଲପୁର ବ୍ଲକ କୁଆଖିଆ ଥାନା ଅନ୍ତର୍ଗତ ମଧୁବନସ୍ଥି ମିର୍ଜାପୁର ଅଂଚଳର ମାନସ ସାହୁ ବୋଲି ଜଣାପଡିଛି ।ସୂଚନା ମୁତାବକ,ଆଜି ସକାଳ ସାଢେ ଆଠଟା ସମୟରେ ଏକ ବାଇକ୍‌ରେ ୨ଜଣ କୁଆଖିଆ ଅଂଚଳରୁ କଟକ ଅଭିମୁଖେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିଲେ । ତେବେ ଚଣ୍ଡିଖୋଲସ୍ଥିତ ଟ୍ରାଫିକ୍‌ଛକ ନିକଟରେ ତିଆରି ହୋଇଥିବା ବଡବଡ ହମ୍ପସ୍ ଅତିକ୍ରମ କରୁଥିବା ବେଳେ ସେମାନେ ଭାରସାମ୍ୟ ହରାଇ ବାଇକରୁ ଓଲଟି ପଡିଥିଲେ। ଏହି ସମୟରେ ମାନସ ମୁଣ୍ଡ ଉପରେ ଉପରେ ଟ୍ରକ୍ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଚଣ୍ଡିଖୋଲ ଅଗ୍ନୀଶମ ବିଭାଗ ଘଟଣାସ୍ଥଳରେ ପଂହଚି ଗୁରୁତରଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଶିଶୁ ଶ୍ରମିକ: ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ !



୧୯୮୬ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହାର ପ୍ରଥମ ଧାରାରେ କୁହାଯାଇଛିଯେ ୧୮ବର୍ଷରୁ କମ୍ ବୟସ ବ୍ୟକ୍ତିହିଁ ଶିଶୁ। ଶିଶୁର ଅଧିକାରରେ ରହିଛି : (୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର। ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଉତ୍ପୀଡ଼ନା, ତା'ପ୍ରତି ଅସଦ୍‌ବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ। ଅନ୍ୟପକ୍ଷରେ ଏକ ନିଶ୍ଚିନ୍ତ ଓ ନିଶ୍ଚିତ ନିରାପତ୍ତା ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ।

ଶିଶୁର ଏହି ଅଧିକାରଙ୍କୁ ଆହୁରି ସୁଗମ, ସ୍ୱଚ୍ଛଳ ଓ ପିଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧ଠାରୁ ୬ରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି। ଫଳରେ ସେମାନେ ବିଦ୍ୟାଳୟ ଯିବେ। ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ। ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦୁଆର ଉଭା ହୋଇଛି।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହାରମାନେ



ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶର ନିରୋଗଭାବେ ବଢ଼ିବେ। ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ ନାହିଁ। ମୋଟ ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ। ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ। ଏମାନଙ୍କୁ ୬-୧୪ଶ ମଧ୍ୟରେ ଶ୍ରମ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି। ୧୯୮୬ ଶିଶୁ ଶ୍ରମିକ ଆଇନ ଅନୁସାରେ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଧ କରାଯାଇଛି। ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ୱାର୍କସପ୍, ଗ୍ୟାରେଜ, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ



ବା ଫାଇବର କାରଖାନା ଇତ୍ୟାଦି। ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା, ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି ଓ ଜରି ତିଆରି ଇତ୍ୟାଦି ଅନ୍ତର୍ଭୁକ୍ତ। ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି। ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି। ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି। ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ



ନିଆଯାଉଛି। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି। ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ସ୍ଥାପନ ହେଉଛି। ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି। ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି ଶିକ୍ଷାଦେବାର ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି।



ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ। ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ରାଜ୍ୟରେ ଏହାଥିଲା ୬୫,୮୭୮ କେବଳ। ତା'ତଳକୁ ଥିଲା ମୟୂରଭଞ୍ଜ ୬୦,୪୨୪ ଶିଶୁଶ୍ରମିକ। ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରାଞ୍ଚଳରେ ହୋଟେଲ, ଗ୍ୟାରେଜ, ଜୋତା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ, ତେଜରାତି ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି। ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି।



ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ। ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ। ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି। ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ। ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର। ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର। ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

# ରେମୁଣା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ୱାଭିମାନ ଦିବସ



ବାଲେଶ୍ୱର (ପିଏନ୍)- ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ ସତ୍ୟବତୀ ନଗର ସମ୍ବାଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ଷୀରଚରା ଗୋପୀନାଥ ମନ୍ଦିର ନିର୍ବାହି ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟ ବକ୍ତା ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ଆଇନ ଜିବୀ ମାୟାଧର ମାହାର୍ଣ୍ଣା, ସାହିତ୍ୟକ ବିଧାନ ଚନ୍ଦ୍ର ରାୟ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା, ସଂଗୀତ ଗୁରୁ ଗଙ୍ଗାଧର ସେଠୀ, ଡ. ସତ୍ୟରଞ୍ଜୀନ ଦାସ, କବି ନିରଞ୍ଜନ ସାହୁ, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ଦିନବନ୍ଧୁ ଦାସ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇ କୁଳବୃଦ୍ଧ ଜାତିପ୍ରାଣ ମଧୁବାବୁଙ୍କ ତ୍ୟାଗପୁତ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଭିମାନ ଦିବସର ଆଭିମୁଖ୍ୟ ଓ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କବୟିତ୍ରୀ ସତ୍ୟଭାମା ମୁଦଲି ମଧୁବାବୁଙ୍କ ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଦ୍ୱିତିୟ ଅଧିବେଶନରେ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ମଧୁସୂଦନ ପାଢ଼ୀ ଓ କୁମାରୀ ଇପ୍ସିତା ସ୍ୱାଇଁ ସଂଯୋଜନାରେ ମଧୁସୂଦନଙ୍କ ଜୀବନୀ ଆଧାରିତ ଓ ସ୍ୱାଭିମାନ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ହରେକୃଷ୍ଣ ଗିରି, ସୀତାନାଥ ଦାସ, ମିନତୀ ପାତ୍ର, ଡ. ରତ୍ନାକର ସିଂହ, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଉପାଧ୍ୟାୟ, ଷ୍ଟାଲିନ ମିଶ୍ର, ଦିବେନ୍ଦୁ ମଲ୍ଲିକ, କଞ୍ଚମଣି ସ୍ୱାଇଁ, ବାବୁଲି ନାୟକ, ସଇଦନ ବିବି, ଦୁଶମନ୍ତ ଦାସ, କବି ଚକ୍ରଧର ଦାସ, ସତ୍ୟ ନାରାୟଣ ପାକଳ, ନିରଞ୍ଜନ ମାହାର୍ଣ୍ଣା, ଜିତେନ୍ଦ୍ର କୁମାର ଘୋଷାଲ, ସଂଜୟ କୁମାର ପ୍ରଧାନ, ଯତିନ୍ଦ୍ରନାଥ ଜେନା, ରଶ୍ମିବାଳା ଦାସ, ଚକ୍ରଧର ଦାସ, ରାଧାରଞ୍ଜୀନ ଦାସ, ଇଶ୍ୱର ଚନ୍ଦ୍ର ବେହେରା, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କାଳୀଚରଣ ବିନ୍ଧାଣୀ ପ୍ରମୁଖ ସ୍ୱରିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଂ ମାନସ କୁମାର ପାଢ଼ୀ, ବାବୁଲା ନାୟକ, କମଳା ନାୟକ ଙ୍କ ସମେତ ସାହିତ୍ୟ ଘରର ସଦସ୍ୟ ଓ ସଦସ୍ୟା ମାନେ ସହାୟତା କରିଥିଲେ। ଶେଷରେ କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ ପାଳିତ




ଭୁବନେଶ୍ୱର (ପିଏନ୍): ବୈଶାଖ ଅମାବାସ୍ୟା ତିଥିରେ କାଳଜୟୀ ସ୍ରଷ୍ଟା, ଗଣ ହୃଦୟର କବି ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ। ଗଣକବି ବୈଷ୍ଣବ ପାଣିଙ୍କ ନାମରେ ଏକ ସଂଗ୍ରହାଳୟ କରାଯାଇ କାଳଜୟୀ ସ୍ରଷ୍ଟାଙ୍କର ସମସ୍ତ ସାମଗ୍ରୀଗୁଡିକୁ ସୁରକ୍ଷିତ ଭାବେ ରକ୍ଷଣାବେକ୍ଷଣ କରିବା ପାଇଁ ଏହି ଅବସରରେ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ବାସନ୍ତୀ ତ୍ରିପାଠୀ, ବରିଷ୍ଠ ସଦସ୍ୟ ପ୍ରସନ୍ନ ରଥ, ଶରତ ଚନ୍ଦ୍ର ସାହୁ ଓ ମହେଶ୍ୱର ବିଶ୍ୱାଳଙ୍କ ସହିତ ଅକ୍ଷୟ ଜେଠୀ, ଗୋପୀମୋହନ ପଟ୍ଟନାୟକ, ସମରଂଜନ ମହାନ୍ତି, ରାମଚନ୍ଦ୍ର ସାମଲ ଓ ପ୍ରକାଶ ସାମଲ ପ୍ରମୁଖ ବହୁ ସଦସ୍ୟ ବରପୁତ୍ରଙ୍କ ଗୁଣଗାନ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ।

# ଅଳିଆଗଦାରେ ତରକାରୀ ଆଇନ



କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ । ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀକଳ ବି ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶୀକୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ଼ ରେଷ୍ଟ୍ରିକ୍‌ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉ କରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଘଂନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି, କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ । ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇପାରିବ। ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରସା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ସରକାର ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ମାତ୍ର ଖାଇବାକୁ ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆମାନେ ନିଜର ଆତ୍ମସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇ ଯାହା ରହିବ।

—**ଯୁଧିଷ୍ଠିର ମହାରଣା**
*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୧୬୩୫୨୮*

# 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...'



ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଶ୍ବତ୍ତି ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି– 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତୈତ୍ତିରୀୟ ପୁରାଣରେ ବର୍ଣ୍ଣିତ ଅଛି – 'ଅଯଜ୍ଞୋ ବା ଏଷ ଯୋ ପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ – ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି – 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି – ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।

**ପୁଷ୍ପଲତା ଦାସ**, କାଠଯୋଡ଼ି ଇନ୍‌କ୍ଲେଭ, ପ୍ଲଟ ନଂ-ବି୧/୨, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୮୬୨୦୦୮୩

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୧୧

# ଭିଡ଼ରେ ଶୃଙ୍ଖଳା ଯାତ୍ରା



ଶୁଭସ୍ମିତା ସାମଲ

ଯେକୌଣସି କ୍ଷେତ୍ର ବା ସ୍ତରରେ ହେଉ, ବିଶୃଙ୍ଖଳିତ ଆଚରଣ ସର୍ବଦା ବିପତ୍ତିର କାରଣ ହୋଇଥାଏ। ଆମ ସମ୍ମୁଖରେ ଏହାର ରାଶି ରାଶି ଉଦାହରଣ ରହିଥିଲେ ହେଁ ସେଥିରୁ ଆମେ କିଛି ଶିକ୍ଷା ଗ୍ରହଣ କରୁନାହୁଁ। ଫଳରେ ବାରମ୍ବାର ଦୁର୍ଘଟଣା ଓ ଅଘଟନ ଘଟି ପ୍ରାଣଘାତୀ ପାଲଟୁଛି। ଶନିବାର ମକର ମେଳା ଅବସରରେ କଟକ ଜିଲ୍ଲା ବଡ଼ମ୍ବା ବ୍ଲକର ସିଂହନାଥ ପୀଠରେ ଘଟିଥିବା ଘଟନା ଏହାର ଆଉ ଏକ ପ୍ରମାଣ କହିଲେ ଭୁଲ ହେବନାହିଁ। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଚାରି ଜଣ ଗୁରୁତର ଓ ଦଶ ଜଣରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିଡ଼ମ୍ବନା ଯେ ଏ ଘଟନା ଘଟିବାର ଚବିଶ ଘଣ୍ଟା ନ ପୁରୁଣୁ ପୁରୀ ଶ୍ରୀମନ୍ଦିରରେ ରବିବାର ଠେଲାପେଲା ଯୋଗୁଁ ଦୁଇଜଣ ମହିଳା ଭକ୍ତ ଆହତ ହୋଇଛନ୍ତି। କୋଭିଡ଼ ଯୋଗୁଁ ବିଗତ ଦୁଇ ବର୍ଷ ଧରି ମେଳା ମଉଛବ ବା ଯାନିଯାତ୍ରାରେ ଜନସମାଗମ ନେଇ କଟକଣା ଲାଗିଥିଲାବେଳେ ଚଳିତବର୍ଷ ସ୍ଥିତି ସ୍ୱାଭାବିକ ହୋଇଛି। ତେଣୁ ଦେବଦେବୀ ପୀଠ ହେଉ ବା ଅନ୍ୟ କୌଣସି ବାର୍ଷିକ ମେଳା, ସବୁଥିରେ ଅସମ୍ଭବ ଜନଗହଳି ହେଉଛି। ଏହା ଆମେ ପୂର୍ବରୁ ମଧ ଦେଖିସାରିଛୁ। ଅତଏବ ଏହି ତିନିଦିନିଆ ମକର ମେଳାକୁ ଅଧିକ ଲୋକ ଆସିବା ନେଇ ପୂର୍ବାନୁମାନ କରାଯାଉଥିଲା। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କାହିଁକି ଜନସମାଗମକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଗଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୁଇପଟକୁ ସଂଯୋଗ କରୁଥିବା ସେତୁ ପରି ପୀଠକୁ ସଂଯୋଗ କରୁଥିବା ଟି-ସେତୁର ଦୁଇପଟେ ଫୁଟପାଥ ନାହିଁ ଓ ସେତୁର ଏହି ଅଂଶଟି ଅଣଓସାରିଆ। ଭକ୍ତମାନେ ସେହି ପଥଦେଇ ଏକା ସାଙ୍ଗେ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। ଯଦି ଶୃଙ୍ଖଳିତ ଯାତାୟାତ ପାଇଁ ପୁଲିସ ପକ୍ଷରୁ ସେଠାରେ ପୂର୍ବରୁ ବନ୍ଦୋବସ୍ତ କରାଯାଇଥାଆନ୍ତା ଏଭଳି ସ୍ଥିତି ଉପୁଜିବାର ଅବକାଶ କମ ରହିଥାଆନ୍ତା। ଏହି ଅଘଟନ ପାଇଁ ଯେ ପ୍ରଶାସନିକ ଅବ୍ୟବସ୍ଥା ହିଁ ଏକା ଦାୟୀ, ତାହା ଆଦୌ ନୁହେଁ। ଜନସାଧାରଣ ନିଜେ ଯଦି ବିଶୃଙ୍ଖଳିତ ଆଚରଣ କରିବେ ବା ନିବୋଧତା ଦେଖାଇବେ, ସେମାନଙ୍କୁ କେହି ସୁରକ୍ଷା ଦେଇପାରିବେ ନାହିଁ। ଗୋଟାଏ ଅଣଓସାରିଆ ସେତୁ ଉପରେ ଠିଆ ହେବାପାଇଁ ଜାଗା ନଥିବା ସତ୍ତ୍ୱେ ସେହି ଭିଡ଼ି ଭିତରକୁ ପଶିବା ବୁଦ୍ଧିମତା ତ ଆଦୌ ନୁହେଁ। ଆଉ ମଧ ଭିଡ଼ ଦେଖିବା ସତ୍ତ୍ୱେ ବାଲିରେ ତିଆରି ପାଦଚଲା ରାସ୍ତା ବ୍ୟବହାର ନକରି ସମସ୍ତେ ସେତୁ ଉପରେ ଯିବାକୁ ଚେଷ୍ଟା କରିବାକୁ ଅପରିଣାମଦର୍ଶିତା ହିଁ କୁହାଯାଇପାରିବ। ଆମ ଦେଶର ଧର୍ମପୀଠ ଗୁଡ଼ିକରେ ଦଳାଚକଟା ଘଟନା ନୂଆ ନୁହେଁ। ୨୦୦୮ରେ ହିମାଚଳ ପ୍ରଦେଶର ନୈନାଦେବୀ ମନ୍ଦିର ଏବଂ ରାଜସ୍ଥାନ ଯୋଧପୁରର ଚାମୁଣ୍ଡାଦେବୀ ମନ୍ଦିର ଦଳାଚକଟାରେ ଯଥାକ୍ରମେ ୧୪୬ ଜଣ ଓ ୨୨୪ ଜଣଙ୍କ ମମାନ୍ତିକ ମୃତ୍ୟୁ ହୋଇଥିଲା। ୨୦୧୩ରେ ମଧ୍ୟପ୍ରଦେଶର ଦାତିଆ ଜିଲ୍ଲାରେ ଅବସ୍ଥିତ ରତନଗଡ଼ ମାତା ମନ୍ଦିରକୁ ସିଂହନାଥ ପୀଠ ପରି ଏକ ସେତୁ ସଂଯୋଗ କରୁଥିବାବେଳେ ସେହି ସେତୁରେ ଦଳାଚକଟା ହୋଇ ୧୧୫ ଜଣ ପ୍ରାଣ ହରାଇଥିଲେ। ପ୍ରତିବର୍ଷ ଛୋଟମୋଟ ଏପରି ଅନେକ ଘଟଣା ଘଟୁଥିବା ସତ୍ତ୍ୱେ ଏଥିପ୍ରତି ଆମେ ସଚେତନ ନହେବା ବାସ୍ତବିକ ପରିତାପର ବିଷୟ। ପ୍ରଶାସନିକ ସୁବ୍ୟବସ୍ଥା ଉତ୍ତମ ଭିତ୍ତିଭୂମି ନିର୍ମାଣ, ଜନସାଧାରଣଙ୍କ ନିୟମକାନୁନ ପାଳନ ଓ ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ ଦେଲେ ଏପରି ଅଘଟଣକୁ ଅବଶ୍ୟ ରୋକାଯାଇପାରିବ। ସାଧାରଣରେ ଗହଳି ଅନେକଙ୍କ ଧନ ଜୀବନର କାରଣ ପାଲଟିଥାଏ ଓ ପ୍ରଶାସନ ପାଇଁ ଏହା ବଡ଼ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ଏ କ୍ଷେତ୍ରରେ ଆମ୍ଭମାନଙ୍କ ଭିତରେ ସଚେତନତା ବଢ଼ିବା ଅତ୍ୟନ୍ତ ଜରୁରୀ।

*ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ*

# ଆମର ଭାଷା ଆମର ଗର୍ବ ଓ ଗୌରବ



ଉମାଶଙ୍କର ପ୍ରସାଦ

ଯେକୌଣସି ଜାତିର ଆସ୍ଥା ଆଉ ବିଶ୍ୱାସର ପ୍ରତୀକ ହେଉଛି ତାର ଭାଷା। ୧୯୩୬ ମସିହା ଏପ୍ରିଲ ପହିଲାରେ ଆମେ ଲାଭ କଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ପରାଧୀନ ଭାରତ ବର୍ଷରେ ଏହା ସର୍ବ ପ୍ରଥମ ଭାଷାଭିତିକ ପ୍ରଦେଶ ଭାବେ ପରିଗଣିତ ହେଲା। ସାହିତ୍ୟ, କାବ୍ୟ କବିତା ର ସୁଅ ଛୁଟିଲା। ମାତୃଭାଷା ମାତୃଭୂମିର ବନ୍ଦନା କରାଗଲା। ସ୍ୱାର୍ଥମେଧ ଯଜ୍ଞ କରାଗଲା ଆଉ ଆହ୍ୱାନ ଦିଆଗଲା " ଜାତି ନନ୍ଦିଘୋଷ ଚଳିବକି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡାମୁହେଁ ବନ୍ଧାଥିଲେ" ? ଜାତି ଚେତିଲା ଭାରତ ସ୍ୱାଧୀନ ହେଲା ମାତ୍ର ଓଡ଼ିଶାର ମାନଚିତ୍ର ବଦଳିଲା, ଖାଲି ରହିଲା ତାର ଭାଷା, ଓଡ଼ିଆ ଭାଷା ଓଡ଼ିଶାର ପରିଚିତ ଧରି। ଓଡ଼ିଆ ଭାଷାବିନା ଓଡ଼ିଶାକୁ କଳ୍ପନା କରାଯାଇ ପାରେନା। ଏହା ଯାଣି ମଧ ତଥା କଥିତ ଶିକ୍ଷିତ ବ୍ୟକ୍ତିବିଶେଷ, ଶାସକ ମଣ୍ଡଳୀ, ପ୍ରଶାସକ ଓ ନ୍ୟାୟଧୀଶଗଣ ଜମାରୁ ଓଡ଼ିଆ ଭାଷାର ବ୍ୟବହାର କଲେନାହିଁ। ଯଦିଓ ଓଡ଼ିଶାର ଅଧିବାସୀଙ୍କ ଟିକସ ଟଙ୍କା ରେ ସେମାନଙ୍କ କୁଟୁମ୍ବ ପ୍ରତିପୋଷଣ କଲେ, ବାବୁଗିରି ଦେଖାଇଲେ, ମାତ୍ର ଓଡ଼ିଆ ଭାଷାର ବ୍ୟବହାର ପାଇଁ ସଦିଚ୍ଛା ପ୍ରକାଶ କଲେନାହିଁ। ଯେଉଁ ଜଣେ ମହାନ ଓକିଲଙ୍କ ପାଇଁ ଭାରତ ସ୍ୱାଧୀନତା ଲାଭ କଲା , ଉତ୍କଳ ସ୍ୱତନ୍ତ ପ୍ରଦେଶ ଲାଭକଲା ମାତ୍ର ତାଙ୍କ ପରେ ଆମ ଓକିଲ ମାନେ ଇଂରାଜୀର ଗୁଣ ଗାନ କଲେ। ଭାଷା ବାନ୍ଧି ହୋଇ ରହିଗଲା କବିତା, ଗଳ୍ପ, ପ୍ରବନ୍ଧାଦିରେ ଏବଂ ସେଥିରୁ ସମ୍ମାନ, ପୁରସ୍କାର, ଉପାଧି ମିଳିବା ଲକ୍ଷରେ ଓଡ଼ିଆ ଭାଷାକୁ ଲଗାଇ ଦିଆଗଲା କ୍ଷୁଦ୍ର ସ୍ୱାର୍ଥ ସିଦ୍ଧିରେ। ଆମ ଲେଖକ, କବି ମାନଙ୍କର ଭାଷା ନିଷ୍ଠା ରହିଲା ନାହିଁ। ଭାଷା ଜନନୀ ସୀମିତ ହୋଇଗଲେ। ଜନତା ଜନାର୍ଦ୍ଦନଙ୍କ ପାଖ ମାଡି ପାରିଲେ ନାହିଁ।

ଯେଉଁ ବିଦେଶୀଗଣ ଆମକୁ ଶହ, ଶହ ବର୍ଷ ଧରି ନିଷ୍ଠୁର ଭାବରେ ଶାସନ କରୁଥିଲେ ତାଙ୍କରି ଭାଷାକୁ ଆମେ ମୁଣ୍ଡରେ ରଖି ନିଜ ମା, ମାଟି, ମାତୃଭାଷାକୁ ବାଡିପଟେ ଫୋପାଡି ଦେବାସହ ଭାବିଲେ " ମାତାବୈରୀ ପିତାବୈରୀ ଦାରାବୈରୀ ତିନି, ଏମାନଙ୍କୁ ବଧକଲେ ନାହଁ ଧର୍ମ ହାନି"। ଏହି ପରିପ୍ରେକ୍ଷୀରେ ଆମେ ଆମର ସାରଳା ଦାସଙ୍କ କଥାକୁ ଭୂଲିଗଲେ-" ପିତା ନିନ୍ଦା କଲେ ଯେ ପଡଇ ପ୍ରମାଦ, ମାତା ନିନ୍ଦା ସବୁଠାରୁ ବଳି ଅପରାଧ"। ୧୯୫୪ମସିହାରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୈଧୁରୀ ଙ୍କ ସମୟରେ ସରକାରୀ ଭାଷା ଆଇନ ପ୍ରଣୟନ କରାଗଲା। ସର୍ବତ୍ର ସବୁକ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରୟୋଗ କରାଯିବ ବୋଲି ସେହି ଆଇନରେ ରହିଲା। ଆଇନ ରହିଲା ଆଇନ ବାଟରେ, ଲାଭ ଘର ଶୁନ ! ଆମରି ସେବକଙ୍କ ହାତରେ ଆମେ ଓଡ଼ିଆ ମାନେ ଶୋଷିତ, ଲାଂଛିତ ଅପମାନିତ ହେଲେ ଏବେ ମଧ ହେଉଛୁ। ୧୯୮୫ ମସିହାରେ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସାଧାରଣ ପ୍ରଶାସନ ବିଭାଗର ଘୋଷଣାନାମା ୭୧୫୨ ଅନୁଯାୟୀ ଓଡ଼ିଆକୁ ସରକାରୀ ଭାଷା ଭାବେ ପୁଣି ପ୍ରାଧାନ୍ୟ ଦିଆଗଲା ଏବଂ ସବୁଦପ୍ତରକୁ ଜଣାଇ ଦିଆଗଲା ଓଡ଼ିଆ ଭାଷା ମାଧ୍ୟମରେ ଓଡ଼ିଆ ଲୋକଙ୍କ ସବୁ କାମ କରିବା ପାଇଁ। ମୁହଁ ଗାଲୁ ହୋଇ ସବୁ ରହିଗଲା। ଶାସନ ଚାଲିଲା ସେଇ ମୁହଁ ଗାଲୁ ଆଉ ଦେହ ଯୋରରେ। ସରକାରଙ୍କ ସରକାରୀ ଭାଷା 'ଓଡ଼ିଆ'। ଆମ ବିଚାର ବିଭାଗରେ ଓଡ଼ିଆ ଭାଷା ବ୍ୟବହାର କରାଯିବା ମଧ ବିଧି ରହିଛି। ଦେବାନୀ କାର୍ଯ୍ୟ ସଂହିତା ୧୯୦୮ ରେ ପ୍ରଣୟନ କରାଗଲା ବ୍ରିଟିଶ ସରକାର ଦ୍ୱାରା। ଏଥିରେ ସ୍ପଷ୍ଟ ଭାବରେ ଲେଖା ଅଛି ଯୋଉଠି ଯୋଉ ଭାଷାର ବ୍ୟବହାର କରାଯାଉଛି ସେହି ଭାଷାରେ ଅଦାଲତ କାର୍ଯ୍ୟ ଚାଲିବ। ଫୌଜଦାରୀ ସଂହିତାର ଧାରା ୩୫୩୩୫୪ ରେ ମଧ୍ୟ କୁହାଯାଇଛି କେଉଁ ଭାଷାରେ ଅଦାଲତ ମାନଙ୍କରେ କାର୍ଯ୍ୟ କରାଯିବ। ମାତ୍ର ଆଜି ଦୁଃଖ ଲାଗୁଛି କହିବାକୁ ଦେଶ ସ୍ୱାଧୀନ ହେବାର ୭୬ ବର୍ଷ ଓ ଭାଷାଭିତିକ ରାଜ୍ୟ ହେବାର ୬୯ ବର୍ଷ ବିତିଯାଇଥିଲେ ମଧ୍ୟ ଆମେ ଏଜାଏ ଜାଣି ପାରିଲେନି ଯେ ଆମ ଭାଷା ହେଉଛି ଓଡ଼ିଆ ଏବଂ ଏହି ଓଡ଼ିଆ ଭାଷା ମାଧ୍ୟମରେ ସବୁ କାର୍ଯ୍ୟ କରାଯାଇ ପାରିବ। ଆମ ଓଡ଼ିଆ ଭାଷା ହେଉଛି ଏକ ସମୃଦ୍ଧ ଭାଷା। ଏ ଭାଷାକୁ ବିସ୍ଥାପିତ କରାଯାଇ ପାରିବନି। ଧିକ୍ ଆମ ଜୀବନ, ଆମ ବଡପଣିଆ, ସ୍ୱାଭିମାନ ହରାଇ ବଂଚିବାରେ କି ଲାଭ ? ଆମ ସରକାର ଙ୍କ ଶ୍ରମ ଓ ନିୟୋଜନ ବିଭାଗର ଚିଠି ସଂଖ୍ୟା ୨୮/ ୨୦୦୦-୧୪୫୯୪ ଶ୍ରମ ତାରିଖ ୧୯. ୧. ୨୦୦୧ ରେ ପ୍ରକାଶିତ ହୋଇଛି। କିନ୍ତୁ କେତେଜଣ ସ୍ୱାଭୀମାନୀ ଓଡ଼ିଆ ନାଗରିକ ବା ଲୋକ ଏହା ମାନୁଛନ୍ତି ? ଶାସକ ଓ ଶାସିତ ଭିତରେ ମେଳ ରହୁନି। ମେଳ ରହୁନି ଲୋକ ପ୍ରତିନିଧି ଓ ଲୋକଙ୍କ ଭିତରେ। ମେଳ ରହୁନି ଓକିଲ ମହକିଲ ଭିତରେ, ବିଚାରପତି ଓ ବିଚାର ଭିତରେ। ସିଂହ ଛୁଆ ଓଡ଼ିଆ ମେଣ୍ଢାପଲରେ ରହି ଆମର ସିଂହତ୍ୱକୁ ବାରି ପାରୁନୁ ! ଓଡ଼ିଶାର ମାଟିହେଉଛି ପ୍ରେମର ମାଟି, ଭକ୍ତିର ମାଟି, ଶାନ୍ତିର ମାଟି, ସଂହତିର ମାଟି। ଓଡ଼ିଆ ଭାଷା ବିଶ୍ୱର ଅନେକ ଭାଷାର ଶଦ୍ଦ ସମୂହକୁ ଯଥା ତୁର୍କୀ, ଆରବୀ, ପାର୍ସି, ଉର୍ଦ୍ଦୁ, ଭୋଜପୁରୀ, କୋସଳି, ଛତିଶଗଡି, ଆଦିକୁ ଆପଣେଇଛି। ଆଉ ଏବେ ଇଂରାଜୀ ଭାଷାର ଶଦ୍ଦ ସମୁହକୁ ଆପଣେଇ ନେଇ ନିଜର ଭାଷା ଭଣ୍ଡାରକୁ ସମୃଦ୍ଧ କରିବାକୁ ମନା ନାହିଁ ମାତ୍ର ପୁରା ନିଜର ମାତୃଭାଷା ଭୁଲି ଇଂରାଜି ବନିବା ଅନୁଚିତ। ସୁତରାଂ ଜାତୀୟ ଜୀବନକୁ ପୁଷ୍ଟ କରିବାକୁ ହେଲେ ସମସ୍ତ ଦ୍ୱାର ଝର୍କା ଖୋଲା ରଖି ଓଡ଼ିଆ ଭାଷା ସାହିତ୍ୟର ମୌଳିକତା ବଜାୟ ରଖି ଏହାରି ମାଧ୍ୟମରେ ସମସ୍ତ କାର୍ଯ୍ୟ କରାଯିବା ବିଧେୟ। ଅନ୍ୟଥା ଆମକୁ ଇତିହାସ କ୍ଷମା ଦେବନାହିଁ, ଉତ୍ତରପିଢି କ୍ଷମା ଦେବେନାହଁ କି ଜନଗଣର ସରଳ ସର୍ବଜନ ବୋଧଗମ୍ୟ ଭାଷାରେ ଗଣତନ୍ତ୍ର ଶାସନ ପ୍ରଣାଳୀର ପ୍ରଶାସନ, ବିଚାର ବିବାଗ ଚାଲିଛି ବୋଲି କହିହେବନାହିଁ।

ଖୋର୍ଦ୍ଧା
ମୋ : ୬୩୭୦୬ ୭୫୫୬୨

# ନିର୍ବାଚନ କମିଶନଙ୍କ ପାଇଁ ନୂଆ ଯୁଗ



ସୌଭାଗ୍ୟ ରଂଜନ ମହାନ୍ତି(ରାଜାଣ୍ଟ

ଭାରତର ନିର୍ବାଚନ କମିଶନ (ଇସିଆର)ର ସଦସ୍ୟମାନଙ୍କୁ ନିଯୁକ୍ତି କ୍ଷମତା କେନ୍ଦ୍ର ସରକାରଙ୍କ ହାତରୁ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ବଳରେ କାଢ଼ିନେବା ନିଶ୍ଚିତ ଭାବେ ଦେଶର ନିର୍ବାଚନ ପରିଚାଳନା ସଂସ୍ଥାର ସ୍ୱାଧୀନତା ପାଇଁ ଏକ ବଡଧରଣର ଆଶୀର୍ବାଦ ବୋଲି ନିସନ୍ଦେହରେ କୁହାଯାଇପାରିବ। ନିକଟରେ ସୁପ୍ରିମକୋର୍ଟର ପାଂଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ, ଲୋକସଭାରେ ବିରୋଧି ଦଳ ନେତା କିମ୍ବା ଲୋକସଭାର ବିରୋଧିଦଳର ନେତା ଏବଂ ଭାରତର ପ୍ରଧାନବିଚାରପତିଙ୍କୁ ନେଇ ଗଠିତ କମିଟି ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କୁ ମନୋନୀତ କରିବେ। ପାର୍ଲିଆମେଂଟରେ ଏ ନେଇ ଆଇନ ପ୍ରଣୟନ ନହେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥାରେ ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନର ସଦସ୍ୟମାନଙ୍କୁ ମନୋନୀତ କରାଯିବ। ଅର୍ଥାତ୍ ନିର୍ବାଚନ କମିଶନ ସଦସ୍ୟମାନଙ୍କୁ ମନୋନୀତ କରାଯିବା ନେଇ ସୁପ୍ରିମକୋର୍ଟଙ୍କ ରାୟ ତତକ୍ଷଣାତ୍ ଲାଗୁ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ନିର୍ବାଚନ ପରିଚାଳନା, ତଦାରଖ ଓ ନିୟନ୍ତ୍ରଣ କ୍ଷମତା ସାମ୍ବିଧାନିକ ସଂସ୍ଥା ନିର୍ବାଚନ କମିଶନ ଉପରେ ନ୍ୟସ୍ତ ରହିଛି। ଦେଶରେ ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ କମିଶନଙ୍କ ସ୍ୱାଧୀନତା ଓ ସାମ୍ବିଧାନିକ ସୁରକ୍ଷାର ଆବଶ୍ୟକତା ରହିଥିବାବେଳେ ସୁପ୍ରିମକୋର୍ଟଙ୍କ ରାୟ ନିଶ୍ଚିତ ଭାବେ ସହାୟକ ହେବ। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନ ସଦସ୍ୟମାନଙ୍କୁ ମନୋନିତ କରିବା ପଦ୍ଧତି ଉପରେ ସମ୍ବିଧାନ ନୀରବ ରହିଥିବାବେଳେ ସ୍ୱାଧୀନତାର ଦୀର୍ଘ ୭୫ବର୍ଷ ମଧ୍ୟରେ ପାର୍ଲିଆମେଂଟରେ ଏନେଇ କୌଣସି ଆଇନ ପ୍ରଣୟନ କରିବାରେ ବିଫଳ ହୋଇଥିବା ବେଳେ ସୁପ୍ରିମକୋର୍ଟଙ୍କ ରାୟ ଏହି ଶୂନ୍ୟସ୍ଥାନ ପୁରଣର ଏକ ପ୍ରୟାସ ବୋଲି କୁହାଯିବ। ସମ୍ବିଧାନ ନିର୍ବାଚନ କମିଶନ ସଦସ୍ୟମାନଙ୍କ ନିଯୁକ୍ତି ପାଇଁ ପାର୍ଲିଆମେଂଟ ଉପରେ ଆଇନ ପ୍ରଣୟନ ଦାୟିତ୍ୱ ଛାଡି ଦେଇଥିବାବେଳେ ସମ୍ବିଧାନର ୩୨୪(୨) ଧାରାରେ ନିର୍ବାଚନ କମିଶନ ସଦସ୍ୟମାନଙ୍କୁ ନିଯୁକ୍ତି କ୍ଷମତା ରାଷ୍ଟ୍ରପତିଙ୍କୁ କ୍ଷମତା ପ୍ରଦାନ କରିଛି। ତେବେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରୀମଣ୍ଡଳର ପରାମର୍ଶ କ୍ରମେ ରାଷ୍ଟ୍ରପତି ନିର୍ବାଚନ କମିଶନ ସଦସ୍ୟଙ୍କୁ ନିଯୁକ୍ତ କରିବେ। ଏହି ବ୍ୟବସ୍ଥା ଦେଶ ସ୍ୱାଧୀନତାରୁ ବଳବତର ରହିଥିବାବେଳେ ନିଜର ସ୍ୱାର୍ଥ ଦୃଷ୍ଟିରୁ କୌଣସି କେନ୍ଦ୍ର ସରକାର ପାର୍ଲିଆମେଂଟରେ ଆଇନ ପ୍ରଣୟନ କରିବାକୁ ଆଗ୍ରହ ପ୍ରଦର୍ଶନ କରି ନାହାଁନ୍ତି କି କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ନିର୍ବାଚନ କମିଶନ ସଦସ୍ୟଙ୍କ ନିଯୁକ୍ତି ନେଇ କୌଣସି ଯୋଗ୍ୟତା ମଧ ସ୍ଥିର ହୋଇନାହିଁ। ଆଇନର ଅଭାବ ନେଇ କେନ୍ଦ୍ର ସରକାର ନିଜର ମନୋନୀତ ବ୍ୟକ୍ତି ନିର୍ବାଚନ କମିଶନ ଭାବେ ନିଯୁକ୍ତି ଦେଇଥାନ୍ତି। କହିବା ବାହୁଲ୍ୟ ଯେ, ନବେ ଦଶକରେ ଟି.ଏନ୍. ଶେଷାନ ନିର୍ବାଚନ କମିଶନ ଥିବାବେଳେ କମିଶନର ବ୍ୟାପକ ସଂସ୍କାର ଆଣିବା ସହ କମିଶନଙ୍କ କ୍ଷମତା ପ୍ରଦର୍ଶନ କରିଥିଲେ। ତେବେ ତାଙ୍କର କ୍ଷମତାକୁ ସଂକୁଚିତ କରିବା ପାଇଁ ତତ୍କାଳୀନ କେନ୍ଦ୍ର ସରକାର ନିର୍ବାଚନ କମିଶନଙ୍କୁ ବହୁ ସଦସ୍ୟ ବିଶିଷ୍ଟ ଅର୍ଥାତ୍ ୩ଜଣିଆ ସଦସ୍ୟ ବିଶିଷ୍ଟ କରିବାକୁ ଆଇନ ପ୍ରଣୟନ କରିଥିଲେ। ସେତେବେଳେ ଶେଷାନଙ୍କୁ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦେଇ ନିର୍ବାଚନ ସଂକ୍ରାନ୍ତୀୟ ଯେକୌଣସି ନିଷ୍ପତି ବହୁମତ ଉପରେ ନ୍ୟସ୍ତ କରିଥିଲେ। ଏହି ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ବଳବତର ରହିଥିବା ବେଳେ କମିଶନର ସଦସ୍ୟମାନଙ୍କୁ ମନୋନୀତ କରିବା ପାଇଁ କୌଣସି ସ୍ୱତନ୍ତ୍ର ଆଇନ ନାହିଁ। ନିର୍ବାଚନ କମିଶନର ସଦସ୍ୟମାନଙ୍କ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା, ନିରପେକ୍ଷତା ନେଇ ଦାୟତ ୪ଟି ଜନସ୍ୱାର୍ଥ ମାମଲାର ଏକତ୍ର ଶୁଣାଣୀ କରି ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି।। ତାହା ସ୍ୱାଗତଯୋଗ୍ୟ। ଏହା ସତ୍ୟ ଯେ, ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଗଣତନ୍ତ୍ରକୁ ସୁଦୃଢ କରିଥାଏ। ଅନ୍ୟଥା ଏହାର ପରିଣାମ ଅତ୍ୟନ୍ତ ଭୟାବହ ହୋଇଥାଏ। ଏହା ନିଶ୍ଚିତ ଯେ, ନିର୍ବାଚନ କମିଶନ ବିଭିନ୍ନ ସମୟରେ ସମାଲୋଚନାର ଶରବ୍ୟ ହୋଇଆସିଛନ୍ତି। କମିଶନ ସଦସ୍ୟଙ୍କୁ ମନୋନୀତ କରିବା ପାଇଁ ୩ଜଣିଆ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ସହ ଆର୍ଥୀକ ଦୃଷ୍ଟିରୁ ସ୍ୱତନ୍ତ୍ର କ୍ଷମତାପ୍ରଦାନ ପାଇଁ ସାମ୍ବିଧାନିକ ଖଣ୍ଡପୀଠ ତାଙ୍କ ରାୟରେ ସ୍ପଷ୍ଟ କରିଦେଇଛନ୍ତି। କହିବା ବାହୁଲ୍ୟ ଯେ, କମିଶନ ଆଜି ପର୍ଯ୍ୟନ୍ତ ଅର୍ଥ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଅର୍ଥମନ୍ତ୍ରଣାଳୟ ଉପରେ ନିର୍ଭର କରି ଆସୁଛନ୍ତି। କେନ୍ଦ୍ର ଏହି ନିର୍ଭରଶୀଳତା ନିର୍ବାଚନକୁ ପ୍ରଭାବିତ କରୁଥିବା କହିଲେ ଭୁଲ ହେବ ନାହିଁ। ଗତ କିଛି ବର୍ଷ ତଳେ ଏଭଳି କିଛି ଘଟଣାରେ କମିଶନ ସରକାରଙ୍କ ନିକଟରେ ମୁଣ୍ଡ ନୁଆଁଇଥିଲେ। ନିର୍ବାଚନ ପରିଚାଳନା ବେଳେ କ୍ଷମତାସୀନ ଦଳର ତ୍ରୁଟି ବିଚ୍ୟୁତି ସମ୍ପର୍କରେ ସିଇସି କଠୋର ପ୍ରତିକ୍ରିୟା ରଖିବାରୁ ଜଣେ କେନ୍ଦ୍ରମନ୍ତ୍ରୀ କହିଥିଲେ ଅର୍ଥ ମଂଜୁର ନକଲେ କମିଶନଙ୍କ ଗାଡି ଗଡିବନି। ଏହା ଉଲ୍ଲେଖ କରିବାର କାରଣ ହେଉଛି, ନିର୍ବାଚନ କମିଶନ ଅର୍ଥ ପାଇଁ କିପରି ଚାପରେ ଅଛନ୍ତି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ନିର୍ବାଚନ କମିଶନ ସଦସ୍ୟଙ୍କ ନିଯୁକ୍ତି ଏବଂ ଏହାକୁ ଆର୍ଥୀକ କ୍ଷମତା ପ୍ରଦାନ ନିଶ୍ଚିତ ଭାବେ ନିର୍ବାଚନ ସଂସ୍ଥାକୁ ସ୍ୱଚ୍ଛ, ନିରପେକ୍ଷ ସ୍ୱାଧୀନ ସଂସ୍ଥା ହେବାରେ ସହାୟକ ହେବ, ଆହୁରି ମଧ ନିର୍ବାଚନ କମିଶନଙ୍କ ପାଇଁ ସୁପ୍ରମିକୋର୍ଟଙ୍କ ରାୟ ଏକ ନୂତନ ଯୁଗର ଅୟମାରମ୍ଭ କରିବ, ଏଥିରେ ସନ୍ଦେହ ନାହିଁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ମୁକ୍ତି ସଂଗ୍ରାମର ଅସାମାନ୍ୟ ନାୟକ:ସୁଭାଷ ଚନ୍ଦ୍ର ବୋଷ



ଅକ୍ଷୟ କୁମାର ରାଉତ

ଯେଉଁ ଦେଶର କ୍ଷିତି, ଆପ୍, ତେଜ, ମରୁତ ଓ ବ୍ୟୋମରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅସୀମ ସାହସୀ ପ୍ରବାଦ ପୁରୁଷ ସୁଭାଷ ଚନ୍ଦ୍ର ବୋଷଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମୀ, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶ ପ୍ରେମ, ସାହସ ଓ ତ୍ୟାଗ ଭାରତ ଇତିହାସରେ ବିରଳ। ତାଙ୍କର ଚଳଣି, ଜୀବନ ଧାରା, ବିଂଶ ଶତାବ୍ଦୀରେ ଭାରତର ଜଣେ ଏକକ ଅସାମାନ୍ୟ ନାୟକ ରୂପେ ପରିଗଣିତ କରିଥିଲା। ୧୮୯୭ ମସିହାରେ ଯେତେବେଳେ ବ୍ରିଟିଶ୍ ସାମ୍ରାଜ୍ୟର ମହାରାଣୀ ଭିକ୍ଟୋରିଆଙ୍କ ଶାସନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରୁଥିଲା, ସେତିକିବେଳେ ଜାନୁୟାରୀ ମାସ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶାର କଟକ ସହରରେ ଓଡ଼ିଆ ବଜାରରେ ପ୍ରବାଦ ପୁରୁଷ ସୁବାଷ ଚନ୍ଦ୍ର ବୋଷ। ତାଙ୍କର ପିତା ଜାନକୀ ନାଥ ବୋଷ ବଙ୍ଗର ୨୪ ପ୍ରଗଣା ଅଂଚଳର ଏକ କ୍ଷୁଦ୍ର ଗ୍ରାମରୁ ଆସି ଓକିଲାତି କରି କଟକରେ ସ୍ଥାୟୀ ଭାବେ ବାସ କରୁଥିଲେ। ମାତା ପ୍ରଭାବତୀ ଉତର କଳିକତା ଅଂଚଳର ହାଟଖୋଲାର ଏକ ଐତିହ୍ୟ ସମ୍ପନ୍ନ ପରିବାରରୁ ଆସିଥିଲେ। ତାଙ୍କର ଆଠ ପୁତ୍ର ଓ ଛଅ କନ୍ୟାଙ୍କ ମଧ୍ୟରୁ ସୁଭାଷ ନବମ ସନ୍ତାନ ଥିଲେ।

ପାଂଚ ବର୍ଷ ବୟସରେ ୧୯୦୨ ମସିହାରେ କଟକ ପ୍ରୋଟେଷ୍ଟାଂଟ ସ୍କୁଲରେ ପାଠ ପଢିଥିଲେ। ଜଣେ ମେଧାବୀ ଛାତ୍ର ହିସାବରେ ଭାରତୀୟ ବଂଶୋଭବ ଯୋଗୁ ବୃତି ପାଉ ନଥିଲେ। ୧୯୦୯ ମସିହାରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ଅଧ୍ୟୟନ କଲେ। ସେ କାଳରେ ଶିଖିଥିବା ଗୋଟିଏ ସଂସ୍କୃତ ଶ୍ଳୋକରୁ ପିତାମାତାଙ୍କୁ ଭକ୍ତି କରୁଥିଲେ। ସ୍ୱାମୀ ବିବେକାନନ୍ଦ ଓ ରାମକୃଷ୍ଣ ପରମହଂସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବ ସେବା ହିଁ ମାଧବ ସେବା ବୋଲି ଧରି ନେଇଥିଲେ। ପରେ ପରେ ସେ ବ୍ରହ୍ମଚର୍ଯ୍ୟ, ଧ୍ୟାନଯୋଗ, ହଠଯୋଗ ଓ ରାଜଯୋଗ ସାଧନ କରିଥିଲେ। ୧୯୧୩ ମସିହାରେ ସୁଭାଷ ବୋଷ ସମଗ୍ର ଆସାମ, ବଙ୍ଗ, ବିହାର ଓ ଓଡ଼ିଶାରେ ଏଂଟ୍ରାନ୍ସ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଲାଭ କରି କଲିକତାର ପ୍ରେସିଡେନ୍‌ସି କଲେଜରେ ଅଧ୍ୟୟନ ଆରମ୍ଭ କଲେ। ସେ କଲେଜ ୟୁନିୟନରେ ନେତା ହିସାବରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ କରିବାରୁ ତାଙ୍କୁ ବିଶ୍ୱବିଦ୍ୟାଳୟରୁ ଦଣ୍ଡାଦେଶ ଦ୍ୱାରା ବାହାର କରିଦିଆଗଲା । ଫଳରେ ଦୁଇବର୍ଷ ସମୟ ନଷ୍ଟ ହୋଇଗଲା। ପୁନର୍ବାର ସୁଭାଷ ସ୍କଟିସ୍ ଚର୍ଚ୍ଚ କଲେଜରେ ନାମ ଲେଖାଇ ୧୯୧୯ ମସିହାରେ ସ୍ନାତକ ଦର୍ଶନ ଶାସ୍ତ୍ରରେ ଅନର୍ସ ସହ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଲାଭ କରି ଉତୀର୍ଣ୍ଣ ହେଲେ। ଆଇ.ସି.ଏସ. ପଢ଼ିବା ପାଇଁ ସୁଭାଷ ବିଲାତ ଗଲେ ଓ ସେଠାରେ ପରୀକ୍ଷା ଦେଇ ଚତୁର୍ଥ ସ୍ଥାନ ଲାଭ କଲେ। ଦେଶ ସେବାପାଇଁ ସେ ଇଣ୍ଡିୟାନ୍ ସିଭିଲ୍ ସର୍ଭିସର ପରମ ସୌଭାଗ୍ୟକୁ ପ୍ରତ୍ୟାଖ୍ୟାନ କଲେ। ୧୯୨୧ ମସିହା ଅପ୍ରେଲ ମାସ ୧୬ ତାରିଖରେ ବିଲାତରୁ ଆସି ବମ୍ବେରେ ପହଁଚି ଗାନ୍ଧିଜୀଙ୍କୁ ସାକ୍ଷାତ୍ କଲେ। ଗାନ୍ଧିଜୀଙ୍କ ପରାମର୍ଶରେ ସୁଭାଷ କଳିକତା ଯାଇ ସେଠାରେ ଚିତରଞ୍ଜନ ଦାସଙ୍କୁ ସାକ୍ଷାତ୍ କରି, ସେଠାରେ ଦେଶ କାମରେ ଲାଗି ପଡିଲେ। ୧୯୨୪ ରେ ସେ କଂଗ୍ରେସ ଦଳର ପ୍ରାର୍ଥୀଭାବେ କଲିକତା କର୍ପୋରେସନ୍‌ର ଏକ୍‌ଜିକ୍ୟୁଟିଭ୍ ଅଫିସର ଭାବେ ମାସିକ ତିନି ହଜାର ଟଙ୍କାରେ କାର୍ଯ୍ୟ କଲେ। ଏହି ଟଙ୍କା ସେ ରୋଗୀ ଓ ଅସହାୟ ଶିଶୁମାନଙ୍କ ପାଇଁ ଖର୍ଚ୍ଚ କରୁଥିଲେ। ସେ ସମୟରେ ମେୟର ହୋଇଥିଲେ ଚିତରଞ୍ଜନ ଦାସ। ସ୍ୱରାଜ ପାର୍ଟିର ସଫଳତା ଉପରେ ବ୍ରିଟିଶ୍ ସରକାର କ୍ରୋଧାନ୍ୱିତ ହୋଇ ସୁଭାଷଙ୍କୁ ୧୯୨୪ ମସିହା ଅକ୍ଟୋବର ୨୫ ତାରିଖ ଭୋରରୁ କଲିକତା ଡେପୁଟି କମିଶନରଙ୍କ ନିର୍ଦ୍ଦେଶରେ ୧୯୧୮ ରେଗୁଲେସନ ତୃତୀୟ ବ୍ୟବସ୍ଥା ବଳରେ ଆରେଷ୍ଟ କରାଗଲା। ସୁଭାଷଙ୍କୁ କଳିକତାରୁ ବରହମ୍ପୁର ଜେଲ୍‌କୁ ସ୍ଥାନାନ୍ତର କରାଗଲା। ପରେ ମର୍ତ୍ୟର ନର୍କ ଲାଲ ବଜାର ପୋଲିସ୍ ହାଜତରେ ଓ ତା'ପରେ ମାନ୍ଦ୍ରାଜ୍ ଜେଲକୁ ପଠାଇ ଦିଆଗଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପ ହେବାରୁ ତାଙ୍କୁ ୧୯୨୭ ମେ ମାସରେ ମୁକ୍ତ କରି ଦିଆଗଲା। କଲିକତା ମେୟର ଭାବେ ସୁଭାଷ ନିର୍ବାଚିତ ହେଲେ। ରାଜନୈତିକ ଅଭିଜ୍ଞତାରୁ " ଦି ଇଣ୍ଡିଆନ୍ ଷ୍ଟ୍ରଗଲ୍" ନାମକ ଏକ ବିଖ୍ୟାତ ପୁସ୍ତକ ରଚନା କରିଥିଲେ। ୧୯୩୮ ମସିହାରେ ୫୧ତମ ଜାତୀୟ କଂଗ୍ରେସ ଅଧିବେଶନରେ ସେ ସଭାପତି ରୂପେ ମନୋନୀତ ହୋଇଥିଲେ। ସୁଭାଷ ଚନ୍ଦ୍ର ବୋଷଙ୍କୁ ୫୧ ହଳ ବଳଦ ଟାଣୁଥିବା ଏକ ରଥରେ ବସାଇ ବ୍ୟାଣ୍ଡ ବାଜା ବଜାଇ ହରିପୁରାର ସଭା ସ୍ଥଳକୁ ନିଆଯାଇଥିଲା। ସୁଭାଷ ଘୋଷଣା କଲେ ଯେ " ପୃଥିବୀ ପୃଷ୍ଠରେ ଏମିତି ଶକ୍ତି ନାହିଁ ଯେ କି ଭାରତକୁ ଆଉ ଦାସତ୍ୱର ଶୃଙ୍ଖଳରେ ବାନ୍ଧି ରଖିବ।" ଶାନ୍ତି ନିକେତନରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ୧୯୩୭ ମସିହାରେ ସୁଭାଷଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ " ମୁଁ ବଙ୍ଗଳାର କବି ହୋଇ ତୁମକୁ ଦେଶ ନାୟକ ପଦରେ ବରଣ କରୁଛି। ଦ୍ୱିତୀୟ ଥର କଂଗ୍ରେସ ସଭାପତି ପଦ ପାଇଁ ସୁଭାଷ ବୋଷ ପ୍ରତି ଦ୍ୱନ୍ଦିତା କରିବା ପାଇଁ ଘୋଷଣା କଲେ। ମହାତ୍ମା ଗାନ୍ଧୀ ଶୁଭେଚ୍ଛା ସହ ପଟ୍ଟାରି ସୀତାରାମାୟାଙ୍କୁ ସୁବାଷ ଚନ୍ଦ୍ରଙ୍କ ବିରୁଦ୍ଧରେ ଦକ୍ଷିଣ ପନ୍ଥୀଙ୍କ ମନୋନୀତ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ କରାଇଲେ। ବାଦ ବିବାଦ ମଧ୍ୟରେ ସୁଭାଷ ଚନ୍ଦ୍ର ଦୁଇଶହରୁ ଅଧିକ ଭୋଟରେ ବିଜୟ ଲାଭ କଲେ। ଗାନ୍ଧିବାଦୀ ମାନଙ୍କ ଚାପରେ ସୁଭାଷ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବାକୁ ବାଧ ହେଲେ। ସମସ୍ତ ଚରମ ତଥା ପ୍ରଗତିବାଦୀ ତତ୍ୱକୁ ଏକାଠି କରି ସୁଭାଷ ୧୯୩୯ ରେ ଏକ ନୂଆ ଦଳ ଗଠନ କଲେ। ଏହାର ନାଁ "ଫରୱାର୍ଡ଼ ବ୍ଲକ"। ୧୯୩୯ ଜୁନ୍ ୨୨ ତାରିଖରେ ଫରୱାର୍ଡ ବ୍ଲକ୍‌ର ପ୍ରଥମ ଅଖିଳ ଭାରତ ଅଧିବେଶନ ବମ୍ବେଠାରେ ଅନୁଷ୍ଠିତ ହେଲା। ବଙ୍ଗର ଶେଷ ସ୍ୱାଧୀନ ରାଜା ସିରାଜଦ୍ଦୌଲାଙ୍କ ସ୍ମୃତି ଉପରେ କଳଙ୍କର ଦାସ ପରି ହୋଲ୍‌ୱେଲ୍ ସ୍ମୃତି ସ୍ତମ୍ଭକୁ ହଟାଇବା ପାଇଁ ସୁଭାଷ ହିନ୍ଦୁ ଓ ମୁସଲମାନ୍ ଯୁବକମାନଙ୍କୁ ନେଇ ସତ୍ୟାଗ୍ରହ କରିବାକୁ ଗଲାବେଳେ, ତାଙ୍କୁ ଭାରତୀୟ ପ୍ରତିରକ୍ଷା ଆଇନ୍ ବଳରେ ଗିରଫ କରାଯାଇ କଲିକତାରେ ପ୍ରେସିଡେନ୍‌ସି ଜେଲ୍‌ରେ ରଖାଗଲା। ଜେଲ ଖାନାରେ ଥିବା ବେଳେ ସେ ପୂର୍ବବଙ୍ଗରେ ଢାକା ନିର୍ବାଚନ ମଣ୍ଡଳୀରୁ କେନ୍ଦ୍ରୀୟ ବିଧାନ ସଭାକୁ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଥିଲେ। ଜେଲ ମଧ୍ୟରେ ସୁଭାଷ ବୋଷ୍ ବହୁ ଐତିହାସିକ ପତ୍ର ସରକାରଙ୍କୁ ଲେଖିଥିଲେ। ଯଦିଓ ହଠାତ୍ ଆଖି ଦୃଶିଆ ଲାଭର ସମ୍ଭାବନା ନାହିଁ, ତଥାପି କଷ୍ଟ ସହିଷ୍ଣୁତା ଓ ତ୍ୟାଗର ଫଳ କେବେ ବ୍ୟର୍ଥ ହୁଏ ନାହିଁ। ମରଣଶୀଳ ପୃଥିବୀରେ ସବୁକିଛି କ୍ଷୟିଷ୍ଣୁ। ଚିନ୍ତା ଆଦର୍ଶ ଓ ସ୍ୱପ୍ନ କେବେ କ୍ଷୟ ହୁଏ ନାହିଁ। ଗୋଟିଏ ଆଦର୍ଶ ସାଫଲ୍ୟ ପାଇଁ ଜଣେ ବ୍ୟକ୍ତିର ପରଲୋକ ହୋଇପାରେ, କିନ୍ତୁ ତାର ମୃତ୍ୟୁ ପରେ ସେଇ ଆଦର୍ଶ ସହସ୍ର ଜୀବନ ମାଧ୍ୟମରେ ପୁନର୍ବାର ପ୍ରକଟିତ ଓ ବିକଶିତ ହୋଇଥାଏ। ଗୋଟିଏ ଆଦର୍ଶନିତୀ ପାଇଁ କରୁ ବା ମରୁ ତାଠାରୁ ଜୀବନର ବଡ ସାର୍ଥକତା କ'ଣ ଥାଇ ପାରେ ? ଜେଲରେ ସୁଭାଷ ଏକ ସପ୍ତାହ ଅନଶନ କରିବାରୁ ଇଂରେଜ ସରକାର ବିଚଳିତ ହୋଇ ତାଙ୍କୁ ଖଲାସ କରିଦେଲେ। କିନ୍ତୁ ତାଙ୍କୁ ଗୃହବନ୍ଦୀ କରି ରଖିଲେ। ସୁଭାଷ ଚନ୍ଦ୍ର ବୋଷ ଖଲାସ ହେବା ସଂଗେ ସଂଗେ ଭାରତ ବାହାରକୁ ଖସି ଚାଲିଯିବାର ଉପାୟ ଚିନ୍ତା କଲେ। ତାଙ୍କ ପୁତୁରା ଶିଶିର ଓ ଫରୱାର୍ଡ଼ ବ୍ଲକ୍‌ର ନେତା ଅନ୍ତରଙ୍ଗ ମିଆଁ ଆକବର ଶାହା ସହିତ ମିଶି ଯୋଜନା ପ୍ରସ୍ତୁତ୍ କଲେ। ଝିଆରୀ ଇଲାକୁ ଗୁପ୍ତ ଭାବରେ ଯିବା ସମ୍ପର୍କରେ ଜଣାଇ ଦିଆଗଲା। ୧୯୪୧ ମସିହା ଜାନୁୟାରୀ ୧୬ ତାରିଖରେ ହିନ୍ଦୁବେଶୀ ସୁଭାଷ ଘନ ପିଙ୍ଗଳ ରଙ୍ଗର ସେରୱାନୀ, ଢିଲା ପାଇଜାମା, ଲେସ୍ ବନ୍ଧା ୟୁରୋପିଆନ୍ ଯୋତା ଓ କଳା ଅସ୍ତର ଖାନ୍ ପରି ଲୋମଶ ଟୋପି ପିନ୍ଧି ଓଜନଦାର ଜର୍ମାନ ତିଆରି ୱାଣ୍ଡରର କାର୍‌ରେ ଶିଶିର ସହିତ ବାହାରି ପଡିଲେ। ୧୯୪୧ ଜାନୁୟାରୀ ୧୭ ତାରିଖରେ ଧାନବାଦ ନିକଟବର୍ତୀ ବାରାରୀରେ ପହଁଚିଲେ। ସେଠାରେ ପୁତୁରା ଅଶୋକଙ୍କ ଘରେ ଏକ ବୀମା କମ୍ପାନୀର ଏଜେଂଟ ଭାବରେ ରହିଲେ। କିଛି ସମୟ ପରେ ଶିଶିର, ଅଶୋକ ଓ ତାଙ୍କ ସ୍ତ୍ରୀ ମିଶି ସୁଭାଷ କାକାଙ୍କୁ ନେଇ ଗୋମୋ ଅଭିମୁଖେ ଚାଲିଲେ। ପେଶ୍‌ୱାରରେ ପହଁଚି ଗଲେ। ରହିଥିବା ହୋଟେଲ୍‌ରୁ ସୁଭାଷ ଆସି ବିଶ୍ୱସ୍ତ ବନ୍ଧୁ ଅବଦ ଖାଁଙ୍କ ଘରେ ଛ ଦିନ ରହି ପଠାଣଙ୍କ ଚଳଣି ଓ ପ୍ରଥା ଜାଣିନେଲେ। ମହମ୍ମଦ ଶାହା ଓ ଜଗତରାମ ତଲୱାରଙ୍କ ମାଧ୍ୟମରେ ଛଦ୍ମବେଶ ବଦଳାଇ ପଠାଣ ବେଶରେ କାବୁଲ ଯିବାକୁ ସ୍ଥିର କଲେ। ଆଫଗାନ ଅଂଚଳର ଗୋଟିଏ ଗାଁରେ ପହଁଚି ସୁଭାଷ ବୁଦ୍‌ଖାନ୍ ତନଖି ଫାଟକ ଦେଇ କାବୁଲରେ ପହଁଚିଲେ। କାବୁଲରେ ଥିବା ଇଟାଲୀ ଦୂତାବାସର ଜଣେ କର୍ମଚାରୀ ଓର୍ଲାଣ୍ଡୋ ମାଜୋଟାଙ୍କ ନାମରେ ପାସ୍‌ପୋର୍ଟ ବନାଇ ଉଡାଜାହାଜ ଯୋଗେ ମସ୍କୋରେ ପହଁଚିଲେ। ତାପରେ ଜର୍ମାନୀର ବର୍ଲିନ୍‌ରେ ପହଁଚି ଆଡାମ୍ ବନ୍ ଟ୍ରଟ୍ ଓ ଆଲେକ୍‌ଜାଣ୍ଡାର ୱାର୍ଥଙ୍କ ମାଧ୍ୟମରେ ଜର୍ମାନ ବୈଦେଶିକ ମନ୍ତ୍ରାଳୟରେ ୱାର୍କ ଗ୍ରୁପ୍ ଇଣ୍ଡିଆ' ବିଭାଗ ଖୋଲିଲେ। ୧୯୪୧ ମସିହା ଶେଷ ଆଡକୁ ସେ ବର୍ଲିନ୍‌ରେ " ମୁକ୍ତ ଭାରତ ସେଂଟର" କରିବାକୁ ସକ୍ଷମ ହେଲେ। ସେଂଟର କାର୍ଯ୍ୟ ହେଲା " ଆଜାଦ୍ ହିନ୍ଦ୍ ରେଡିଓ", ନେସନାଲ କଂଗ୍ରେସ ରେଡିଓ" ଏବଂ "ଆଜାଦ୍ ମୁସଲ୍‌ଲିମ୍ ରେଡିଓ ମାଧ୍ୟମରେ ଦେଶର କାର୍ଯ୍ୟକ୍ରମକୁ ପରିଚାଳନା କରିବା। "ଆଜାଦ୍ ହିନ୍ଦ୍ " ପତ୍ରିକା ମାଧ୍ୟମରେ ଭାରତର ରାଜନୀତି, ଅର୍ଥନୀତି, ଦର୍ଶନ ଓ ସଂସ୍କୃତି କଳା ସାରା ବିଶ୍ୱରେ ପ୍ରଚାର କରିବା, ଯୁଦ୍ଧବନ୍ଦୀମାନଙ୍କୁ ନେଇ ଗଠିତ ଭାରତୀୟ ସେନା ଏବଂ ଭାରତୀୟ ଜାତୀୟ ସୈନ୍ୟବାହିନୀ ସହ ସମ୍ପର୍କ ସ୍ଥାପନ କରିବା। ୧୯୪୨ ମେ' ମାସରେ ସୁଭାଷ ଆଡ୍‌ଲଫ ହିଟ୍‌ଲରଙ୍କୁ ଶେଷଥର ସାକ୍ଷାତ୍ କଲେ। ମୁକ୍ତ ଭାରତ ସେଂଟର ସ୍ୱାଧୀନତା ପାଇବା ପରେ ଭାରତର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ଏକ ଯୋଜନା କମିଶନ୍ ପ୍ରତିଷ୍ଠା କଲେ। ସେହି ସେଂଟର କଂଗ୍ରେସର ତ୍ରିରଙ୍ଗା ପତାକା ଏଥି ମଧ୍ୟରେ ଏକ ଲମ୍ଫ ପ୍ରଦାନ ବାଘର ଚିତ୍ରକୁ ନେଇ ନିଜ ପ୍ରତିଷ୍ଠାର ପ୍ରତୀକ ପ୍ରସ୍ତୁତ୍ କଲେ। ଜନ-ଗଣ-ମନକୁ ଜାତୀୟ ସଂଗୀତ ଓ ଭାରତୀୟ ମାନଙ୍କ ମଧ୍ୟରେ ଜୟ-ହିନ୍ଦ୍ କହି ଅଭିବାଦନ କରିବାର ସାଧାରଣ ସମ୍ଭାଷଣ ଆରମ୍ଭ କରାଗଲା। ବର୍ଲିନ୍ ଠାରେ ୧୯୪୩ ମସିହା ଜାନୁୟାରୀ ୨୬ ତାରିଖରେ ଭାରତର ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରି ନେତାଜୀ ମୁଖ୍ୟ ଅଭିଭାଷଣ ପ୍ରଦାନ କଲେ। ନେତାଜୀ ଇଣ୍ଡିଆନ୍ ନେସ୍‌ନାଲ ଆର୍ମି ବା ଆଜାଦ୍ ହିନ୍ଦ୍ ଫୌଜକୁ ସମ୍ପୂର୍ଣ୍ଣ ଭାବେ ପୁନର୍ଗଠନ କରି ୧୯୪୩ ମସିହା ଜୁଲାଇ ୫ ତାରିଖରେ ସିଙ୍ଗାପୁର ଟାଉନ୍ ହଲ୍ ସମ୍ମୁଖସ୍ଥ ବିରାଟ ପଡିଆରେ ଆଜାଦ୍ ହିନ୍ଦ୍ ଫୌଜର ପ୍ରଧାନ ସେନାଧକ୍ଷ ଭାବରେ ସମ୍ବୋଧନ କରି ଦିଲ୍ଲୀ ଚଲୋ ! ଦିଲ୍ଲୀ ଚଲୋ ! ଡାକରା ଦେଇଥିଲେ।୧୯୪୩ ମସିହା ଅକ୍ଟୋବର ୨୧ ତାରିଖରେ ଆଜାଦ୍ ହିନ୍ଦ୍ ଫୌଜର ଝାନ୍‌ସି ରାଣୀ ରେଜିମେଂଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନେତାଜୀ ରାଷ୍ଟ୍ର ମୁଖ୍ୟ ଭାବେ ୧୯୪୩ ନଭେମ୍ବରରେ ଟୋକିଓ ଠାରେ ଅନୁଷ୍ଠିତ ବୃହତର ପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ମିଳିତ ଅଧିବେଶନରେ ଯୋଗଦେଲେ। ପ୍ରଧାନ ମନ୍ତ୍ରୀ ତୋଜୋ ଘୋଷଣା କଲେ ଯେ ଜାପାନ ସୈନ୍ୟ ବାହିନୀ ଅଧୀନରେ ଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ଆଜାଦ୍ ହିନ୍ଦ୍ ଅସ୍ଥାୟୀ ସରକାରଙ୍କୁ ଶାସନ ହସ୍ତାନ୍ତର କରାଯିବ। ଆଣ୍ଡାମାନ୍ ଦ୍ୱୀପର ଜିମ୍‌ଖାନା ପଡିଆରେ ନେତାଜୀ ରାଷ୍ଟ୍ରମୁଖ୍ୟ ଭାବରେ ଜାତୀୟ ତ୍ରିରଙ୍ଗା ପତାକା ଉତ୍ତୋଳନ କଲେ। କୁଖ୍ୟାତ୍ ସେଲୁଲାର ଜେଲ ପରିଦର୍ଶନ ପରେ ରସ୍ ଦ୍ୱୀପରେ ବ୍ରିଟିଶ୍ ମୁଖ୍ୟ କମିଶନରଙ୍କ ନିବାସକୁ ଦଖଲ କରି ଜାତୀୟ ତ୍ରିରଙ୍ଗା ପତାକା ଗର୍ବର ସହ ଉଡାଇଲେ। ନେତାଜୀ ଆଣ୍ଡାମାନ ଦ୍ୱୀପପୁଞ୍ଜକୁ ଶହୀଦ ଓ ନିକୋବର ଦ୍ୱୀପ ପୁଞ୍ଜକୁ ସ୍ୱରାଜ ଦ୍ୱୀପ ପୁଞ୍ଜ ଭାବରେ ପୁନର୍ନାମିତ କରିଥିଲେ। ନେତାଜୀ ଭାରତ ସୀମା ଆଡକୁ ଆଗେଇବାର ପ୍ରଥମ ପ୍ରସ୍ତୁତି ସ୍ୱରୂପ ତାଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ସିଙ୍ଗାପୁରରୁ ରେଙ୍ଗୁନ୍ ନେଇ ଆସିଲେ। ଛଟଗ୍ରାମକୁ ଯାଇଥିବା ରାସ୍ତାରେ ଅରକିନ୍ ଠାରେ ଯେଉଁ ଯୁଦ୍ଧ ହେଲା ସେଥିରେ ଆଜାଦ୍ ହିନ୍ଦ୍ ଫୌଜ ଅଧିକ ଶକ୍ତିଶାଳୀରେ ପରିଣତ ହେଇଥିଲା। ଭାରତ-ଜାପାନ ମିଳିତ ବାହିନୀ ୧୯୪୪ ମସିହା ଏପ୍ରିଲ୍ ପ୍ରଥମ ସପ୍ତାହରେ କୋହିମା ଅଧିକାର ପରେ ପରେ ମଣିପୁର ରାଜଧାନୀ ଇମ୍ଫାଲକୁ ଘେରାଉ କରି ଭାରତ ମାଟିରେ ସ୍ୱାଧୀନତାର ପତାକା ଉଡାଇଥିଲେ। ୧୯୪୫ ଅଗଷ୍ଟରେ ହିରୋସିମା ଓ ନାଗାସାକି ସହର ଉପରେ ଆମେରିକା ଆଟମ୍ ବମ୍ ନିକ୍ଷେପ କରିବାରୁ ଜାପାନ ଆତ୍ମ ସମର୍ପଣ କଲା। ବର୍ମାରେ ପ୍ରକୃତିର ତାଣ୍ଡବ ଲୀଳା ଆଜାଦ୍ ହିନ୍ଦ୍ ଫୌଜକୁ ପତାନାଭିମୁଖୀ କରିଦେଇଥିଲା। ସେହିଦିନ ନେତାଜୀ ଆଜାଦ୍ ହିନ୍ଦ୍ ଫୌଜକୁ ସଂଗ୍ରାମ ଚଳାଇବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଥିଲେ। ସୋଭିଏତ୍ ଅଫିସ୍‌କୁ ଯିବାକୁ ଯୋଜନା କରିଥିଲା ପରେ କେତେଜଣଙ୍କୁ ସାଂଗରେ ଧରି ଟୋକିଓ ଯାତ୍ରା କଲେ ଓ ବାଟରେ ବ୍ୟାଙ୍କକ୍ ଓ ସାଇଗନ ଠାରେ କିଛି ସମୟ ରହିଥିଲେ। ସାଇଗନ୍ ଠାରୁ ନେତାଜୀ ଜାପାନୀ ବିମାନରେ ହବିବୁର ରହମାନଙ୍କୁ ସାଂଗରେ ନେଇ ଯାତ୍ରା କଲେ। ବିମାନଟି ଟୋକିଓ ଯିବା ବାଟରେ ତାଇହୋ ବିମାନ ବନ୍ଦରରେ ଉଡାଣ ଆରମ୍ଭ କଲାବେଳେ ଦୁର୍ଘଟଣା ଘଟିବାରୁ ଜାପାନୀ ସେନାଧକ୍ଷ ଶିଦେଇ ଓ ବିମାନ ଚାଳକଙ୍କ ସହ ଅନ୍ୟ କେତେକଙ୍କ ମୃତ୍ୟୁ ବରଣ କଲେ। ନେତାଜୀଙ୍କ ଶରୀରରେ ନିଆଁ ଲାଗିଯିବାରୁ ସେ ଭିଷଣ ଆହତ ହୋଇଛନ୍ତି। ଏହି ଖବର ଟୋକିଓ ରେଡିଓରୁ ୧୯୪୫ ଅଗଷ୍ଟ ୨୩ ତାରିଖ ଦିନ ପ୍ରଚାରିତ ହେଲା। ତାପରେ ସମ୍ବାଦ ମିଳିଲା ଯେ ତାଇହୋ ମିଲିଟାରୀ ହସ୍‌ପିଟାଲରେ ନେତାଜୀଙ୍କର ମୃତ୍ୟୁ ହୋଇଯାଇଅଛି। ହବିବୁର ରହମାନଙ୍କ କହିବା ଅନୁଯାୟୀ ତାଇହୋଠାରେ ତାଙ୍କ ସଂସ୍କାର କରାଯାଇ ପାଉଁଶକୁ ଟୋକିଓ ସହରର ରେଙ୍କୋଜୀ ମନ୍ଦିରରେ ରଖାଯାଇଥିଲା। ତାଙ୍କର ମୃତ୍ୟୁ ଏବେବି ରହସ୍ୟ ଘେରରେ ରହିଛି। ଜାତୀୟ ରାଜନୈତିକ ପଟ୍ଟଭୂମି, ଓ ଦଳିତ ମଣିଷ ଜାତି ପାଇଁ ଅମର ପ୍ରତୀକ ଭାବେ ଭାରତୀୟ ମାନଙ୍କର ସଂକଳ୍ପର ଉତ୍ସ ହୋଇ ନେତାଜୀ ସୁଭାଷ ସବୁଦିନେ ରହିବେ।

*ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫*




## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା,



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୂଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

# ବିନା ମାଟିରେ ଚାଷ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।
ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚ଼ିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ଼ାହିଦା ମଧ୍ୟ ରହିଛି ଏଣୁ ଜଳ ସେଚ଼ନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ଼ାଷ କଲେ ଚ଼ାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚ଼ାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ଼ାଷ କରୁଥିଲେ ସର୍ବଦା ବଜାର ଚ଼ାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ଼ାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ଼ାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚ଼ାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ଼ୟନ ଏବଂ ଖାଦ୍ୟ ସାର ପରିଚ଼ାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚ଼ାଳନା କଲେ ଚ଼ାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ଼ୟନ**

ଗାଁ ଗହଳି ରେ ଚ଼ାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚ଼ାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ଼ୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ଼ାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ଼ାଷକରି ଅନାବନା ଘାସ ବାଚ୍ଛି ୩ ରୁ ୪ ଫୁଟ ଚ଼ଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡ଼ିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା



ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ଼ାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ଼ିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜୋଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ଼ୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା
୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ଼ାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା
୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟ୍ରେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯

# ମୋ ଓଡ଼ିଶା

## ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ହୋଲି ଉତ୍ସବ ପାଳନ

ସୁବର୍ଣ୍ଣପୁର, (ପି.ଏନ):ସ୍ୱଚ୍ଛ ଭାରତ ସଂଗଠନ ସୋନପୁର ମନମୁଣ୍ଡା ପକ୍ଷରୁ ଗତକାଲି ସ୍ଥାନୀୟ ପ୍ରଭାସ ଲଜ ସମ୍ମୁଖରେ ହୋଲି ଉତ୍ସବ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏସପି ଅମରେଶ ପଣ୍ଡା ଯୋଗଦେଇ ମା ସୁରେଶ୍ୱରୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା ସହ ଗୀତ ନାଚ ଆସର ମେଲୋଡି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ ଏବଂ ସ୍ୱଚ୍ଛ ଭାରତର ଏହି ହୋଲି ଉତ୍ସବ ଆୟୋଜନ ଅଭିନବ ଢଙ୍ଗରେ ପାଳନ ଏ ଅଂଚଳ ପାଇଁ ମୁଖ୍ୟ ଆକର୍ଷଣ ବୋଲି କହିଥିଲେ।ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଅବକାରୀ ଅଧିକ୍ଷିକା ଶ୍ରୀମତୀ ସୁମତି ତ୍ରିପାଠୀ ଯୋଗଦେଇ ଏଠାକାର ଏକତା, ଭାଇଚାରା ଓ ଖୁସିର ମାହୋଲକୁ ଦେଖି ଭାବ ବିହ୍ୱଳ ହୋଇଥିଲେ ଏବଂ ଯୁବ ପିଢୀଙ୍କୁ ଅସାମାଜିକ କାର୍ଯ୍ୟକଳାପ, ନାନା ଘଟଣା ଦୁର୍ଘଟଣାରୁ ଦୂରେଇ ରଖିବା, ସମସ୍ତଙ୍କୁ ଏକାଠି କରି ଏକତା ଭାଇଚାରାର ବନ୍ଧନ ରେ ବାନ୍ଧି ରଖିବା ସଂଗଠନର ଏହି ପ୍ରୟାସକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଦର୍ଶକ, ଆୟୋଜକ ଓ ମହିଳାଙ୍କ ସହ ମିଶି ଏସପି ଶ୍ରୀ ପଣ୍ଡା ଓ ଅବକାରୀ ଅଧିକ୍ଷିକା ଶ୍ରୀମତୀ ତ୍ରିପାଠୀ ନାଚିଥିଲେ। ପରସ୍ପରକୁ ରଙ୍ଗ ବୋଳି ହୋଲିର ଖୁବ ମଜା ନେଇଥିଲେ। ଧର୍ମଗଡ଼ ବିଡ଼ିଓ ଶରତ ସେଠି, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଶ୍ରୀକାନ୍ତ ତ୍ରିପାଠୀ, ଇନ୍ଦୁମତି ପୁରୋହିତ, ପରେଶ ମେହେର ଅତିଥି ଭାବେ ଯୋଗଦେଇ ପରିବେଶ ସ୍ୱଚ୍ଛତା ସାଙ୍ଗକୁ ମନର ସ୍ୱଚ୍ଛତା ରକ୍ଷାକରି ସାମାଜିକ ଓ ରାଷ୍ଟ୍ରୀୟ କାର୍ଯ୍ୟରେ ନିୟୋଜିତ ହେବା ଓ ପରସ୍ପର ମଧ୍ୟରେ ଭେଦଭାବ ଭୁଲି ଏକତା ଭାଇଚାରା ସୃଷ୍ଟି କରିବା ଉତ୍ସବର ମୂଳ ଲକ୍ଷ୍ୟ ବୋଲି କହିଥିଲେ ଓ ଦର୍ଶକଙ୍କୁ ଉତ୍ସାହିତ କରି ମିଷ୍ଟାନ ବଂଟନ କରିଥିଲେ।ମନୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆରମ୍ଭରୁ ସେବା ଶ୍ରମର ଅନ୍ତେବାସୀ ଓ ରାସ୍ତାର ବୁଲା ଭିକାରୀ, ନିରାଶ୍ରୟ ଲୋକଙ୍କୁ ସଂଗଠନର କର୍ମକର୍ତା ଖାଦ୍ୟ ପୁଡିଆ ବାଂଟିଥିଲେ। ଦର୍ଶକଙ୍କ ପାଇଁ ଥଣ୍ଡା ପାନୀୟ ବ୍ୟବସ୍ଥା କରାଯାଇ କୁଇଜ ପ୍ରତିଯୋଗିତା ମାଧ୍ୟମରେ ଦର୍ଶକଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମସ୍ତ ଅତିଥିଙ୍କ ସମେତ ଗାୟକ ଶାଶ୍ୱତ ତ୍ରିପାଠୀ, ମ୍ୟୁଜିକ ଡାଇରେକ୍ଟର ବ୍ରହ୍ମା କୁମ୍ଭାରଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱଚ୍ଛ ଭାରତର ସଂଯୋଜକ ମନୋରଞ୍ଜନ ତ୍ରିପାଠୀ ଓ ତନୀଷା ଅଗ୍ରୱାଲା ଅତିଥି ପରିଚୟ ପ୍ରଦାନ କରି ସଭା ପରିଚାଳନା କରିଥିବା ବେଳେ କଳା ସଂସ୍କୃତି ଗବେଷକ ଚୌଧୁରି ବିଭାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଶିଷ୍ଟ କଣ୍ଠ ଶିଳ୍ପୀ ଶାଶ୍ୱତ ତ୍ରିପାଠୀ, ପୁରନ୍ଦର ଠେଲା, ବିରେନ ଜଗଦଲା, ପଦ୍ମ ଲୋଚନ ସାହୁଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିବା ବେଳେ ସମସ୍ତ ଅତିଥି ଆୟୋଜକ ଓ ଦର୍ଶକଙ୍କ ସହିତ ହୋଲି ଗୀତ ନାଚର ମଜା ନେଇଥିଲେ। ସ୍ୱଚ୍ଛ ଭାରତ ସଂଗଠନର ସମସ୍ତ କର୍ମକର୍ତା ଏଥିରେ ସହଯୋଗ କରିଥିଲେ।

## ଜଳସେଚନ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର (ପିଏନ୍): ରବିନ୍ଦ୍ର ମଣ୍ଡପରେ ଦୁଇଦିନ ଧରି ଚାଲିଥିବା ଜଳସେଚନ ସାଂସ୍କୃତିକ ପରିଷଦର ଏକାଦଶତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ଭକ୍ତ ରଂଜନ ମହାନ୍ତି ଏବଂ ମୁଖ୍ୟ ଯନ୍ତ୍ରୀ ମୁକୁଳ ଚନ୍ଦ୍ର ବେରା କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜଳସେଚନ ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ। ପରିଷଦର କଳାକାରମାନଙ୍କଦ୍ୱାରା ଆୟୋଜିତ ହୋଇଥିବା ନାଟକ ଅଧୁରା ସ୍ୱପ୍ନ ମଞ୍ଚସ୍ଥ ପାଇଁ ଧନ୍ୟବାଦ ଦେଇଥିଲେ। ସଭାପତି ଦିଲ୍ଲୀପ କୁମାର ସିଂହ ଏବଂ ସମ୍ପାଦକ ଅମିତାଭ ମହାନ୍ତି ସଭା ପରିଚାଳନାରେ ସହଯୋଗ କରିଥିଲେ। ସଂଘର ସ୍ମରଣିକା ଜଳସା ଉନ୍ମୋଚିତ ହୋଇଯାଇଥିବାବେଳେ କୋଭିଡ୍-୧୯ ପାଇଁ ଗତ ୩ବର୍ଷ ଧରି ବନ୍ଦ ଥିବା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ତିନିଜଣ ବ୍ୟକ୍ତିଙ୍କୁ ସୁନାକର ମେମୋରିଆଲ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟକ ଅଧୁରା ସ୍ୱପ୍ନର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ସୌମ୍ୟରଂଜନ ମହାନ୍ତି ଏବଂ ସମ୍ପାଦନା ଦାୟିତ୍ୱରେ ଦିପ୍ତୀ ରଂଜନ ଦାସ। ଟୁଙ୍ଗୁରୁ ମଦନ ମୋହନ ଦାଶ, ଇନିସ୍‌ପେକ୍ଟର ରବିନ୍ଦ୍ର କୁମାର ରାଉତ, ଜହର ତଥା ଖଳନାୟକ ସନ୍ତୋଷ କୁମାର ପ୍ରଧାନ ଭୂମିକାରେ ଅଭିନୟ କରିଥିବା କଳାକାରଙ୍କ ଅଭିନୟରୁ ଦର୍ଶକ ଖୁବ୍ ମଜା ଉଠାଇଥିଲେ।

## କଲେଜ୍ ଓ ହାଇସ୍କୁଲରେ ଅମୃତ ମହୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ମହିଳା ଡିଗ୍ରୀ କଲେଜ, ମହାବିଦ୍ୟାଳୟର ଏନ୍.ଏସ୍.ଏସ୍. ୟୁନିଟ୍, ମୋ କଲେଜ ଓ ରେଡ୍‌କ୍ରସ୍ ୟୁନିଟ୍ ଆନୁକୂଲ୍ୟରେ ଆଜାଦୀ କୀ ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । କଲେଜର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁନାକୁର ଦାସ, ମୋ କଲେଜ ଅଭିଯାନର ସଂଯୋଜକ ଡକ୍ଟର ରାଜକିଶୋର ଜେନା, ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସମେତ ସମସ୍ତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ । ବର୍ତ୍ତମାନର ଯୁବପିଢ଼ି ସ୍ୱାଧୀନତାର ଅମୃତ ମୂଲ୍ୟବୋଧକୁ ଉପଲବ୍ଧି କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ, ସ୍ୱାଗତିକା ଗେଡ଼ି ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିବାବେଳେ ପ୍ରିୟଙ୍କା ବାରିକ, ଅନିତା ସାହୁ, ପ୍ରିୟଦର୍ଶିନୀ ସାହୁ, ସୁନିତା ପାଳ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀମାନେ ଜାତୀୟପତାକା ଧରି ଫ୍ଲାଗ୍‌ମାର୍ଚ୍ଚ କରି ସ୍ଥାନୀୟ ଅଂଚଳରେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ଗଙ୍ଗାଧରପୁର ସ୍ଥିତ ପତିତପାବନ ହାଇସ୍କୁଲ ଓ ଅନନ୍ତ ଗୋପାଳ ନୋଡାଲ ସ୍କୁଲ ପକ୍ଷରୁ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ କରାଯାଇଥିଲା। ଏଥିରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇ, ଶିକ୍ଷୟତ୍ରୀ ଭଂଜନା ସାହୁ, ତପସ୍ୱିନୀ ନାୟକ, ସୁପ୍ରଭା ଜେନା, ଶିକ୍ଷକ ନାରାୟଣ ନନ୍ଦ ଓ ଅକ୍ଷୟ ଦାସ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଗହଣରେ ଜାତୀୟ ପତାକା ଧରି ଗଙ୍ଗାଧରପୁର ଗ୍ରାମ ପରିକ୍ରମା କରିବା ସହିତ ୨ ଶହ ଜାତୀୟ ପତାକା ବଂଟନ କରି ସଚେତନତା ସୃଷ୍ଟି କରିଥିଲେ ।

## ପାରାଦୀପରେ ବାଲି ମାଫିଆ ସକ୍ରିୟ

ପାରାଦୀପ (ପିଏନ୍)- ସମୁଦ୍ର ଉପକୂଳରେ ଥିବା ଲୁଣା ଜଙ୍ଗଲ ଓ ବାଲି ଟିକିରା ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା ଓ ସୁନାମି ସମୟରେ ଉପକୂଳବାସୀଙ୍କୁ ସୁରକ୍ଷା ଦେଇଥାଏ । ଉପକୂଳବାସୀଙ୍କ ପାଇଁ ଏହା ସୁରକ୍ଷା କବଚ ହୋଇ ଠିଆ ହୋଇଥାଏ ଏହି ବାଲି ଟିକିରା (ବାଲୁକା ସ୍ତୁପ) । ଏହି ବାଲି ଟିକିରା ୧୯୯୯ ମସିହା ମହାବାତ୍ୟାଠାରୁ ଏପର୍ଯ୍ୟନ୍ତ ହୋଇଥିବା ବାତ୍ୟା, ସାମୁଦ୍ରିକ ଝଡରେ ପାରାଦୀପଠାରୁ ଏରସମା ପର୍ଯ୍ୟନ୍ତ ଅଂଚଳବାସୀଙ୍କୁ ସୁରକ୍ଷା ଦେଇଆସିଛି । ପାରାଦୀପ ଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଅଂଚଳକୁ ସୁରକ୍ଷା ଦେଇଥିବା ଜଙ୍ଗଲ ଓ ବାଲି ଟିକିରା ଆଉ ଦେଖିବାକୁ ମିଳୁନାହିଁ । କାଠ ମାଫିଆମାନେ ଜଙ୍ଗଲ ଲୁଟ୍ କରିସାରିବା ପରେ ଏବେ ପାଳି ବାଲି ମାଫିଆମାନଙ୍କର । ପାରାଦୀପଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ



ବାଲି ଟିକିରା ରାତିର ଅନ୍ଧାରରେ ଲୁଟ୍ ହେଉଥିବା ଖବର ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ପ୍ରଶାସନର ତତ୍ପରତା ପରେ ଏହା ବନ୍ଦ ହୋଇଯାଇଥିଲା । ଏବେ ପୁଣି ବାଲି ମାଫିଆ ବେଧଡକ ଭାବେ ରାତିର ଅନ୍ଧାରରେ ଲୁଟ କରୁଛନ୍ତି ଲୁଣା ବାଲି । ପାରାଦୀପ ଅଂଚଳରେ ଗଢି ଉଠୁଥିବା ଶିଳ୍ପସଂସ୍ଥାକୁ ଏହି ବାଲି ଚୋରା ଚାଲଣ ହେଉଛି । ପାରାଦୀପ ଉପକଣ୍ଠ ଷଣ୍ଢକୁଦବସ୍ତି ନିକଟରେ ନୁମାଳିଗଡ ରିଫାଇନାରୀ ଲିମିଟେଡ୍ (ଏନ.ଆର୍.ଏଲ୍) କମ୍ପାନୀ ଅଶୋଧିତ ତୈଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଯାଉଛି । ୨୩୨ ଏକର ପରିମିତ ଏହି ଯାଗାରେ ଲୁଣା ବାଲି ବିଛାଯାଉଛି । ତାହା ପୁଣି ଉପକୂଳରେ ଥିବା ବାଲି ଟିକିରାକୁ ଖୋଳି ବାଲି ମାଫିଆମାନେ ଆଣି ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରେ ପକାଉଛନ୍ତି । ଧର୍ମକୁ ଆଖିଠାର ପରି ଅଳ୍ପ କିଛି ବାଲି ବନ୍ଦର ୫ ନମ୍ବର ଗେଟ୍ ରୁ ନିଆଯାଉଛି । ସର୍ବାଧିକ ବାଲି ଏରସମା ତହସିଲ ଅଂର୍ଗତ ଯୋଗୀ ସାହି ନିକସ୍ଥ ଅଡମୁହଁ, ଢିଙ୍କିଆ ଓ ବୋସକାଲିସ୍ ପଏଂଟ ନିକଟସ୍ଥ ଅଂଚଳରୁ ବେଆଇନ୍ ଭାବେ ବାଲି ଶହ ଶହ ଟ୍ରିପ୍ ହାଇଓା ମାଧ୍ୟମରେ ଚାଲଣ କରାଯାଉଛି । ପ୍ରକଳ୍ପ ହେବା ପରେ ଜାହାଜ ଯୋଗେ ଅଶୋଧିତ ତେଲ ଆସି ଏହି ତୈଳ ଭଣ୍ଡାରରେ ଗଛିତ ହେବ ଏବଂ ପାଇପ୍ ଲାଇନ୍ ଯୋଗେ ଆସାମର ନୁମାଲିଗଡ ଠାରେ ଥିବା ଏନ.ଆର୍.ଏଲ୍ ତୈଳ ବିଶୋଧନାଗାରକୁ ଯିବ । ଲାଭବାନ ହେବ ଆସାମ କ୍ଷତିଗ୍ରସ୍ତ ହେବାକୁ ଯାଉଛି ଓଡିଶା । ପ୍ରଶାସନର ନିଶ ତଳେ ଏଭଳି ବାଲି ଲୁଟ୍ ଚାଲିଥିବା ବେଳେ ପ୍ରଶାସନ ଏଦିଗରେ ଚୁପ୍ ରହିବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ମଧ୍ୟରେ ଯଦି କେବେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦିଏ ତେବେ ଏହି ଉପକୂଳବାସୀ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହେବେ । ପୁଣି ଥରେ ୧୯୯୯ ମସିହାର ମହାବାତ୍ୟା ପରର କରୁଣ ଚିତ୍ର ଏ ଅଂଚଳବାସୀ ଦେଖିବେ ବୋଲି ପୂର୍ବାନୁମାନ କରାଯାଉଛି ।

## କାର୍ ଧକ୍କାରେ ବ୍ୟବସାୟୀ ମୃତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିର ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଏକ କାର୍ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି । ମୃତକ ଯାଜପୁର ସଦର ଥାନା ଅର୍ଥଙ୍ଗା ପଞ୍ଚାୟତ ଅଳପୁଆ ଗ୍ରାମର ବେଣୁଧର ମଲିକ (୫୪) ବୋଲି ଜଣାପଡ଼ିଛି । ସେ ନିଜ ଲୁନାରେ ଘରକୁ ଫେରୁଥିବା ବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା । ସେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତିକରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଲୁନା ଓ ମୃତଦେହକୁ ଜବତ କରି ଘଟଣାର ତଦନ୍ତ କରୁଛି ।

## ସହୀଦ ବାଘାଜତୀନଙ୍କୁ ଶ୍ରଦ୍ଧାଞ୍ଜଳୀ

ବାଲେଶ୍ୱର (ପିଏନ)- ବାଲେଶ୍ୱର ଜିଲ୍ଲା ଜେଲ୍ ପରିସରରେ ଥିବା ସହୀଦ ବାଘାଜତୀନଙ୍କ ସ୍ମୃତି ପୀଠରେ ବିଜେପି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାକୁ ନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ସହୀଦ ବାଘାଜତୀନ ଓ ତାଙ୍କ ସାଥୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ସଭା କାର୍ଯ୍ୟ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ସହୀଦ ବାଘାଜାତୀନଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ। ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ସ୍ୱାଧୀନତା ଦିବସ ଅବସରରେ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ବିଚାରାଧୀନ ଜେଲ୍ ଅନ୍ତେବାସୀଙ୍କ ସହିତ ମୌଳିକ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ ଲମ୍ବୋଦର ନାୟକ, ପର୍ଶୁରାମ ପରିଡ଼ା, କମଳଲୋଚନ ଦାସ ପ୍ରମୁଖ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ।

## ଲିଙ୍ଗିପୁର ଗ୍ରାମପଂଚାୟତର ଅଧିକାଂଶ ରାସ୍ତା ମରଣଯନ୍ତା



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତ ଅଫିସଠାରୁ ମାତ୍ର ୧୦୦ ମିଟର ଭିତରେ ଅଧିକାଂଶ ରାସ୍ତା ଅବସ୍ଥା ଶୋଚନୀୟ। ରାସ୍ତାଗୁଡିକ ତିଆରି ହେବାପରେ ମରାମତି ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସେତିକି ଯତ୍ନବାନ ନୁହେଁ, ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଅବସ୍ଥାରେ ସୁଧାର ଆସୁନି। ଏତେଗୁଡିଏ ଅର୍ଥ ଖର୍ଚ୍ଚ ହେବା ସତ୍ତ୍ୱେ ରାସ୍ତା ମରାମତି ଠିକ ଭାବରେ ହୋଇପାରୁନି। ଏହାର ନଗ୍ନ ଉଦାହରଣ ହେଉଛି ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତ ଅଧିନସ୍ଥ ଜନନୀ ହସ୍‌ପିଟାଲ୍ ସମ୍ମୁଖ ରୋଡ ତାହା ଖୋଳି ହୋଇ ବିପଦସଂକୁଳ ଅବସ୍ଥାରେ ଅଛି। ଖାଲ, ଢିପ ଭର୍ତି। ପ୍ରତ୍ୟେକ ଦିନ ହସ୍‌ପିଟାଲକୁ ଆସୁଥିବା ଆମ୍ବୁଲାନ୍ସ ଏବଂ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଗାଙ୍ଗୋତ୍ରୀ ନଗର ଲେନ ନଂ-୩। ଏହି ରାସ୍ତା ମରଣଯନ୍ତା ଅଟେ। ଗ୍ରାମ୍ୟଉନ୍ନୟନ ବିଭାଗ ଯନ୍ତ୍ରୀ କୁହନ୍ତି ମରାମତି ହେବ। ନିର୍ବାହୀ ଯନ୍ତ୍ରୀ, ସହକାର ଯନ୍ତ୍ରୀ ପ୍ରତିଶ୍ରୁତି ଦେବାରେ ହେଳା କରନ୍ତିନି କିନ୍ତୁ କାର୍ଯ୍ୟରେ ଶୂନ। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକମାନେ ଯିବା ଆସିବା କରନ୍ତି। ସମସ୍ତ ସ୍କୁଲ ଓ କଲେଜ ଛାତ୍ର ଏହି ବାଟ ଦେଇ ଯିବା ଆସିବା କରନ୍ତି। ଏହି ରୋଡ ନଂ-୩ଟି ହେଉଛି ମୁଖ୍ୟ ରାସ୍ତା। ଏଠାରେ ଅଧିକାଂଶ ବ୍ୟକ୍ତି ବରିଷ୍ଠ ନାଗରିକ ଅଟନ୍ତି। ସକାଳେ ପ୍ରାତଃ ଭ୍ରମଣରେ ଯିବାବେଳେ ଚାଲିକି ଯିବା ସମ୍ଭବପର ନୁହେଁ କାରଣ ରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ ଅଟେ। ଖାଲଖମାରେ ଭରପୁର। ଅଳ୍ପ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି। ରାସ୍ତା ଖୋଜି ବାହାର କରିବା କାଠିକର ପାଠ। ସେହିପରି ଲିଙ୍ଗିପୁର ପଂଚାୟତ ଅଫିସଠାରୁ ମାତ୍ର



୨୦ମିଟର ଭିତରେ ଡାକଘର ପଛପଟ ରାସ୍ତା ଅତ୍ୟନ୍ତ ଦୟନୀୟ ଏବଂ ଦୀପତଳ ଅନ୍ଧାର ନ୍ୟାୟରେ ସାଧାରଣ ଲୋକଙ୍କୁ ହଇରାଣ ହରକତ କରାଯାଉଛି। ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଏହିଭଳି ଶୋଚନୀୟ ରାସ୍ତା ତାହା ନିଜ ଚକ୍ଷୁରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ। ଯୋଜନା ଅନୁଯାୟୀ ଜାନୁଆରୀରୁ ରାସ୍ତା କାମ ଆରମ୍ଭ ହୋଇ ଜୁନ ମାସ ମଧ୍ୟରେ ସରିବା କଥା କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୂରଦୃଷ୍ଟି ଅଭାବରୁ ଗାଙ୍ଗୋତ୍ରୀନଗରବାସୀ ଅସୁବିଧାରେ। ଠିକାଦାରମାନେ ନିମ୍ନଧରଣର କାମ କରିବା ଫଳରେ କାମ ହେବାର କିଛିଦିନ ପରେ ଯଥାପୂର୍ବଂ ତଥା ପରଂ। ଏଠାରେ ସବୁ ରାସ୍ତା ବିପଜ୍ଜନକ ଅବସ୍ଥାରେ ରହିଛି। କିଛି ନହେଲେ ସରକାର ମୁଖ୍ୟରାସ୍ତା ରୋଡ ନଂ-୩କୁ ତୁରନ୍ତ ମରାମତି କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବାକୁ ଦାବୀ ହୋଇଛି।

## ଜାତୀୟ କଂଗ୍ରେସର ଆଜାଦୀ କୀ ଗୌରବ ଯାତ୍ରା, ସ୍ୱତନ୍ତ୍ରତା ସେନାନୀଙ୍କ ପ୍ରତି ଏକ ଉଚିତ୍ ସମ୍ମାନ

ରାଉରକେଲା (ପିଏନ୍): ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଅଗଷ୍ଟ ୯ କ୍ରାନ୍ତି ଦିବସଠାରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପି ଆରମ୍ଭ କରାଯାଇଥିବା ଗୌରବ ପଦଯାତ୍ରାରେ ସ୍ୱତନ୍ତ୍ରତା ସେନାନୀମାନଙ୍କ ଅନନ୍ୟ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହିତ ଏହି ପଦଯାତ୍ରା ସେମାନଙ୍କ ପ୍ରତି ଉପଯୁକ୍ତ ସମ୍ମାନ ବୋଲି ଦଳ ତରଫରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗୌରବ ପଦଯାତ୍ରା ଟିମ୍ବର କଲୋନୀ ସ୍ଥିତ ବିଏସ୍‌ଏନ୍‌ଏଲ୍ ଛକ ନିକଟରୁ ବାହାରି ଗୋପବନ୍ଧୁପାଲ୍ଲୀ, ରେଲୱେ କଲୋନୀ, ଇନ୍ଦିରା ନଗର, ରାଜୀବ ନଗର, ମାଲଗୋଦାମ, ବାସନ୍ତୀ ନଗର, ଡିଏଭି ଛକ, ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକ ମଧ୍ୟ ଦେଇ ଚିନ୍ମୟ ବିଦ୍ୟାଳୟ ଛକଠାରେ ଅବସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମାପନ ହୋଇଥିଲା । ଜିଲ୍ଲା କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପଦଯାତ୍ରାରେ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ଯୋଗ ଦେଇ ଆଜିର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ପଦଯାତ୍ରା ସମୟରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସ୍ୱାଧୀନତା ଆନ୍ଦୋଳନରେ ବିଶିଷ୍ଟ ନେତୃବୃନ୍ଦଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଏକ ପ୍ରଚାରପତ୍ରରେ ଉଲ୍ଲେଖ କରି ସାଧାରଣ ଲୋକଙ୍କୁ ବିତରଣ କରିଥିଲେ । ସ୍ୱାଧୀନତା ପରେ କିପରି ଗାନ୍ଧୀଜୀଙ୍କ ମାର୍ଗଦର୍ଶନରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ଲାଲାବାହାଦୁର ଶାସ୍ତ୍ରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ.ବାବାସାହେବ ଆମ୍ବେଦକର ଓ ମୌଲାନା ଆଜାଦ ପ୍ରମୁଖ ଆଧୁନିକ ଭାରତର ଭିତ୍ତି ପ୍ରସ୍ତର ସ୍ଥାପନ କରି ଦେଶକୁ ବିକାଶ ପଥରେ ଆଗେଇ ନେଇଥିଲେ ସେ ସମ୍ପର୍କରେ ପ୍ରଚାର ପତ୍ରରେ ଉଲ୍ଲେଖ କରାଯାଇଛି । ତେବେ ସମ୍ପ୍ରତି ଦେଶରେ ଶାସନ କରୁଥିବା ବିଜେପି ସରକାର କିଭଳି ସାଧାରଣ ଲୋକଙ୍କ ମଧ୍ୟରେ ଥିବା ସଦ୍‌ଭାବ ନଷ୍ଟ କରି ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରୁଛନ୍ତି ଏବଂ ନିଜର କିଛି କର୍ପୋରେଟ୍ ମିତ୍ରଙ୍କ ସ୍ୱାର୍ଥରକ୍ଷା ପାଇଁ ଦେଶର ମୂଲ୍ୟବାନ ସମ୍ପତ୍ତିକୁ ବିକ୍ରି କରୁଛନ୍ତି ସେ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା । ସାଧାରଣ ଲୋକେ ସମ୍ପ୍ରତି ସ୍ୱେଚ୍ଛାଚାରୀ ଅହଂକାରୀ ମୋଦି ସରକାରଙ୍କୁ ଉପଯୁକ୍ତ ଜବାବ ଦେଇ ଦେଶର ସମ୍ବିଧାନ ଓ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏହି ଅବସରରେ କଂଗ୍ରେସ ତରଫରୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ, ଗଣେଶ ପ୍ରଧାନ, ରଶ୍ମୀରଂଜନ ପାଢୀ, ଉପସଭାପତି ସନ୍ତୋଷ ବିଶ୍ୱାଳ, କୀର୍ତ୍ତନ ଦାସ ଓ ଉମେଶ ଶରଣ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ଓ ବିଜୟ ଆପଟ, ମୁଖପାତ୍ର କୈଳାସ ସାହୁ ଓ ଗିରିଜା ମିଶ୍ର, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ବିଶ୍ୱଜିତ ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ରୁକସାନା ବେଗମ, ବିନୋଦ ପଟ୍ଟନାୟକ, ସମ୍ପାଦକ ପ୍ରତିମା ପାଣିଗ୍ରାହୀ, ଅମ୍ରିତ କୌର, ଯୁବନେତା ସେଖ ସମୀର, ସେବାଦଳର ବୁଲୁ ଦାସ, ବରିଷ୍ଠ ନେତା କୈଳାସ ବିଶୋୟୀ, ଲିଙ୍ଗରାଜ ମହାନ୍ତି, ବସନ୍ତ ସାମଲ, ବନଲତା ବେହେରା, ଝୁନୁ ପଟ୍ଟନାୟକ, ରେହେମାନ ଖାନ, ସୁବଳ ବାସୁରୀ, ଦୀପକ ପଣ୍ଡା, ଅମୀୟ ଦାସ, ମାନୁ ସାମଲ, କେଏସ୍‌ଏନ୍ ମୂର୍ତ୍ତି, ମୋତିଲାଲ ସାହୁ, ଡେଭିଡ ପ୍ରଧାନ, ରାଜୁ ପ୍ରସାଦ, ସୁଧୀର ଚୌହାନ, ସାକିର ହୁସେନ, ବିବେକ ସାହୁ, ଏସ୍‌ସି ସେଲ୍‌ର ଆଦେଶ ସୁନା ଓ ଶ୍ୟାମ ସାଗର ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ବନ୍ୟାବିପନ୍ନମାନଙ୍କୁ ଉଦ୍ଧାର ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର (ପିଏନ୍)-ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ପ୍ରଭୃତି ନଦୀ ଓ ତାର ଶାଖା ନଦୀରେ ପ୍ରବଳ ବନ୍ୟା ପ୍ରବାହ ଯୋଗୁଁ ରାଜ୍ୟର ୧୦ ଗୋଟି ଜିଲ୍ଲାର ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଘୋର ଦୁର୍ଦ୍ଦଶା ମଧ୍ୟରେ ପାଣି ଘେରରେ ରହିଛନ୍ତି। ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ପୂର୍ବ ନିର୍ମିତ ବନ୍ଧବାଡଗୁଡ଼ିକ ଦୁର୍ବଳ ଥିବାରୁ ଅଧିକାଂଶ ସ୍ଥାନରେ ଏବେ ଘାଇ ସୃଷ୍ଟି ହୋଇଛି। ଫଳରେ ଅନେକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ପ୍ରତି ଅଦ୍ୟାବଧି ସେପରି ଗୁରୁତ୍ୱ ଦିଆଯାଉ ନାହିଁ। ବନ୍ୟାଜଳ ନିୟନ୍ତ୍ରଣ କରିବାରେ ସରକାରଙ୍କ ଅସଫଳତା ପଦାରେ ପଡ଼ିଛି। ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ନଦୀବନ୍ଧ ଦୁର୍ବଳ ପାଇଁ ରାଜ୍ୟ ସରକାରଙ୍କୁ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଦାୟୀ କରିଛନ୍ତି। ତତ୍‌କ୍ଷଣାତ୍ ବିପନ୍ନ ଲୋକଙ୍କୁ ଥଇଥାନ ଓ ସହାୟତା ଯୋଗାଇବାରେ ସରକାର ଓ ପ୍ରଶାସନର କଚ୍ଛପ ଗତିରେ ବ୍ୟବସ୍ଥା ଚାଲିଛି। ବନ୍ୟା ଯୋଗୁଁ ହଜାର ହଜାର ହେକ୍ଟର ଚାଷଜମିରେ ବାଲିଚର ମାଡ଼ିଯାଇଛି। ଚଳିତ ଚାଷରେ ବହୁ କଷ୍ଟରେ ବିହନ ଓ ତଳିରେ ଖର୍ଚ୍ଚ କରିଥିବା ଚାଷୀ ଏବେ ବେ-ସାହାରା। ତେଣୁ ସରକାର ଚାଷୀଙ୍କ ବିକାଶ ପାଇଁ ଖାଲି ପ୍ରଚାର ପ୍ରସାରକୁ ଗୁରୁତ୍ୱ ନ ଦେଇ ବାସ୍ତବ କ୍ଷେତ୍ରରେ ବିପନ୍ନମାନଙ୍କ ତୁରନ୍ତ ରିଲିଫ୍ ସାମଗ୍ରୀ ପ୍ରଦାନ, ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ, ଆବଶ୍ୟକ ଔଷଧ ପତ୍ର ଯୋଗାଣ, ମାଗଣାରେ ଗୋରୁ ଗାଈଙ୍କ ଖାଦ୍ୟ ଯୋଗାଣ ଏବଂ ପାଣି ଛାଡ଼ିବା ପରେ ଫସଲ କ୍ଷତିଗ୍ରସ୍ତ ଚାଷ ଜମିର ସଠିକ୍ ଅନୁଧ୍ୟାନ କରି ରାଜ୍ୟ ସରକାର ତୁରନ୍ତ ପ୍ରତି ଏକର ପିଛା କ୍ଷତିଗ୍ରସ୍ତ ଚାଷୀଙ୍କୁ ୩୦ ହଜାର ଟଙ୍କା କ୍ଷତିପୂରଣ ସହାୟତା, ଦୁର୍ବଳ ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ, ସବୁ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ବିନା ସୁଧରେ କୃଷିଋଣ ଓ ତଳି, ଉନ୍ନତ ବିହନ ଓ ସାର ମାଗଣାରେ ଯୋଗାଇ ଦେବାକୁ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, ଓ ବିଭିନ୍ନ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ଭଗବାନ ଜେନା, ବିଜୟ କୁମାର ସ୍ୱାଇଁ, ନିରଞ୍ଜନ ବେହେରା, ସଦାନନ୍ଦ ଓଝା, ନରନାରାୟଣ ଜେନା, ନାରାୟଣ ପରିଡ଼ା, ବସନ୍ତ କୁମାର ମହାରଣା, ଧ୍ରୁବ ଚରଣ ପରିଡ଼ା ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com




# ତାଲୁକ ଆଇନ ସମିତି ଓ ଉତ୍କଳ ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ଖୋର୍ଦ୍ଧା,(ପି.ଏନ): " ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ, ରମନ୍ତେ ତତ୍ର ଦେବତା"। ଏହା ଥିଲା ପ୍ରାଚୀନ ଭାରତର ବାଣୀ ଓ ଆଦର୍ଶ। ଯେଉଁଠାରେ ନାରୀକୁ ପୂଜା କରାଯାଏ ସେଠାରେ ଦେବତା ମାନେ ବିହାର କରନ୍ତି। ସେତେବେଳେ ଏହା କେବଳ ଏକ ଧ୍ୱନି ନଥିଲା ଏହା ଥିଲା ଏକ ସାମାଜିକ ପ୍ରତ୍ୟୟ। ପ୍ରାଚୀନ ଭାରତରେ ନାରୀର ମର୍ଯ୍ୟାଦା ସମ୍ପର୍କରେ ଭୂରି ଭୂରି ପ୍ରଶଂସା କରାଯାଇଛି ବୋଲି ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ମଂଚାସିନ ଅତିଥି ମାନେ ନିଜର ମତବ୍ୟକ୍ତ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ଓ ତାଲୁକ ଆଇନ ସମିତି ମିଳିତ ଆନୁକୂଲ୍ୟରେ ମହିଳା ମାନଙ୍କ ସୁରକ୍ଷା ଉପରେ ଏକ ଆଲୋଚନା ଚକ୍ର ସ୍ଥାନୀୟ କୋର୍ଟ ପରିସରରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ବିଚାର ବିଭାଗ ବିଚାର ପତି ସୁରେନ୍ଦ୍ର କୁମାର ପାଢୀ ନିଜର ଅଭିଭାଷଣରେ ନାରୀ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକ ପାତ କରିବା ସହ ଆଇନର ବିଭିନ୍ନ ଦିଗରେ ପର୍ଯ୍ୟାଲୋଚନା କରିବା ସହ ଆଇନ ତଥା ବିଚାର ବିଭାଗ ମହିଳା ମାନଙ୍କୁ କିପରି ଦେଶର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ସାମାଜିକ,ଅର୍ଥନୀତିକ, ରାଜନିତିକ, ତଥା ଆଇନଗତ ଅଧିକାରକୁ ସୁଦୃଢ କରାଯାଇପାରିବ ସେ ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓକିଲ ସଂଘର ସଭାପତି ବିଜୟ କୁମାର ସାମନ୍ତ ସିଂହାର, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ବୃନ୍ଦାବନ ପଣ୍ଡା, ବରିଷ୍ଠ ଆଇନଜୀବୀ ଶିଶିର କୁମାର ପରିଡା, ସରକାରୀ ଓକିଲ ତଥା ବରିଷ୍ଠ ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ, ବିକ୍ରମ ଚମ୍ପତି , ଉତ୍କଳ ସାମ୍ବାଦିକ ସଂଘର ମୁଖ୍ୟ ଉପଦେଷ୍ଟା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଧରିତ୍ରୀର ଜିଲ୍ଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ପୁରାଣ ତଥା ଇତିହାସର ବିଭିନ୍ନ ମହିୟସୀ ମହିଳାଙ୍କ ଦୃଷ୍ଟାନ୍ତ ଦେଇ ନାରୀ କିପରି ନିଜର ସତୀତ୍ୱ, ନିଷ୍ଠା, ସହନଶୀଳତା ଯୋଗୁ ପୁଜିତ ହେବାସହ ନିଜକୁ ସମାଜରେ ପ୍ରତିଷ୍ଠା କରିପାରି ଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ଆଇନଜୀବୀ ନୃସିଂହ ମିଶ୍ର, ଅଶୋକ ମୋହାପାତ୍ର, ମୋନାଲିଶା ମିଶ୍ର, କୃଷ୍ଣ ଦଳବେହେରା, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ନନ୍ଦିନୀ ପ୍ରଧାନ, ସୁହାନୀ ଶୁଭଦର୍ଶନୀ, ଶିପ୍ରାରାଣୀ ପାଢୀ, ମନସ୍ୱିନୀ ଦାସ, ପୁଷ୍ପାଂଜଳି ମହାପାତ୍ର, ଅର୍ଣ୍ଣପୁର୍ଣ୍ଣା ପ୍ରଧାନ, ଆଇନ କଲେଜର ସଂପାଦକ ସୁଧିର ମାନସିଂହ, ଉପଦେଷ୍ଟା ଶିକ୍ଷାବୀତ ସତ୍ୟବାଦୀ ବଳିୟାର ସିଂ, ସମାଜସେବୀ ଇତିଶ୍ରୀ ସାହୁ, ତାଲୁକ ଆଇନ ସମିତିର ପ୍ରାକ୍ତନ ସଭ୍ୟା ସୁଷମା ପ୍ରଧାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତି ଶିକ୍ଷୟତ୍ରୀ ଡ.ଚପଳା ପଣ୍ଡା ପ୍ରମୁଖ ସେମାନେ ନାରୀର ସୁରକ୍ଷା ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ସଂଯୁକ୍ତା ପ୍ରସାଦ, ପଦ୍ମିନି ଆଚାର୍ଯ୍ୟ, ସାମ୍ବାଦିକା ଶୁଭଲକ୍ଷ୍ମୀ, ମମତା ରାଣୀ, ସାମ୍ବାଦିକ ପ୍ରଦୀପ ବେହେରା, ତଥା ଖୋର୍ଦ୍ଧାର ବହୁ ମହିଳା ଯୋଗ ଦେଇଥିଲେ। ଶେଷରେ ତାଲୁକ ଆଇନ ସମିତିର ସମ୍ପାଦକ ବସନ୍ତ କୁମାର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ୨୮ ବର୍ଷରେ ପଦାର୍ପଣ କଲା ତିହିଡି ମେଳନ

ଭଦ୍ରକ,(ପି.ଏନ): ୨୮ ବର୍ଷରେ ପଦାର୍ପଣ କଲା ଭଦ୍ରକ ଜିଲ୍ଲା ତିହିଡି ମେଳନ। ଦୁଇ ବର୍ଷ ଧରି କରୋନା କଟକଣାରେ ମାହୋଲ ସୀମତି ଥିବା ବେଳେ ଚଳିତ ବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ମେଳନ କମିଟିର ସଭାପତି ବିଜୟ କୁମାର ନାୟକଙ୍କ ସମେତ ସମ୍ପାଦକ ସଚ୍ଚିକାନ୍ତ ନାୟକ, ଉପସଭାପତି ପାର୍ଥସାରଥି ନାୟକ, ସହସମ୍ପାଦକ ରମାକାନ୍ତ ନାଥ, କୋଷାଧ୍ୟକ୍ଷ ପ୍ରଭାତ ରାଉଳ, ଶରତ କର, ବିଷ୍ଣୁଚନ୍ଦ୍ର ଦାସ, ହରିହର ନାୟକ, କୈଳାସ ବେହେରା, ତାରାକାନ୍ତ ଜେନା, ବସନ୍ତ ବେହେରା, ବାଇଧର ହାତି, ସର୍ବେଶ୍ୱର ନାୟକ, ସପନ ନାୟକ, ବ୍ରଜକିଶୋର ଓଝା, ବିବେକାନନ୍ଦ ନାୟକ, ସୁକାନ୍ତ ଓଝା, ଅଶୋକ କର, ମହେନ୍ଦ୍ର ଓଝା, ଘନଶ୍ୟାମ ଓଝା, ରାଜେଶ ନାୟକ ପ୍ରମୁଖ ଗ୍ରାମବାସୀ ମେଳନ ପରିଚ୍ଳନା କରିଥିଲେ। ଏହି ମେଳନରେ ବିଭିନ୍ନ ଗାଁ ଗଣ୍ଡାରୁ ୧୧ଟି ବିମାନ ଆସିଥିଲେ। ବାଜା ରୋଷଣୀର ତାଳେ ତାଳେ ଭକ୍ତମାନେ ମତୁଆଲା ସାଜି ଠାକୁରଙ୍କୁ ମେଳନ ପଡିଆଙ୍କୁ ଆଣିଥିଲେ। ସେଠାରେ ଭୋଗ ଖାଇବା ସହିତ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଆମନ୍ତ୍ରିତ ଅତିଥିଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ କଂଗ୍ରେସ ନେତା ଅଶୋକ କୁମାର ଦାସ ଯୋଗଦେଇ ଆୟୋଜକ କମିଟିକୁ ସାଧୁବାଦ ଦେଇଥିଲେ। ଅବିର ଖେଳ ସହିତ କାଦୁଆ ଖେଳରେ ମେଳନ ସମାହିତ ହୋଇଥିଲା।

## ରାଜ୍ୟ ରାଜନୀତିରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ସଦାବେଳେ ନିଆରା : ହଂସରାଜ ଜୈନ



ଭୁବନେଶ୍ୱର,(ପି.ଏନ): ଓଡିଶା ରାଜ୍ୟ ରାଜନୀତିରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ସବୁବେଳେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଆସିଛି । ଏଣୁ ସବୁ ରାଜନୈତିକ ଦଳର ନଜର ସବୁବେଳେ ରହିଥାଏ । କିନ୍ତୁ ଆଗାମୀ ୨୦୨୪ ମସିହା ନିର୍ବାଚନରେ ଲୋକେ ବିଜେଡିର ବିଧାୟକ ପ୍ରାର୍ଥୀରୂପେ ଏକ ନୂଆ ଚେହେରାର ଅନ୍ୱେଷଣରେ ଥିବାର ଅନୁମାନ କରାଯାଏ, ଯେହେତୁ ଗତ ୨୦୧୯ ନିର୍ବାଚନରେ ବିଜେଡି ଧାରଷାୟୀ ହୋଇଥିଲା ଏଣୁ ଆଗାମୀ ନିର୍ବାଚନରେ ବିଜେଡିର ବିଧାୟକ ପ୍ରାର୍ଥୀ ରୂପେ ନୂଆ ମୁହଁ ଶ୍ରୀ ହଂସରାଜ ଜୈନ, ସଦସ୍ୟ ପଶ୍ଚିମ ଓଡିଶା ବିକାଶ ପରିଷଦ/ପୂର୍ବତନ ବ୍ଲକ ଅଧକ୍ଷ/ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ/ ବିଜେଡି ରାଜ୍ୟ ସମ୍ପାଦକ ଓଡିଶା ରାଜ୍ୟ ଏହିଭଳି ଅନେକ ପଦ ପଦବୀ ଏବଂ ଶହ ଶହ ଲୋକହିତକର ସାମାଜିକ ସଂଗଠନରେ ଜଡ଼ିତ ଥିବା ଏକ ବିଶିଷ୍ଟ ବ୍ୟକ୍ତିବିଶେଷ ଅଟନ୍ତି ସେ । ତାଙ୍କର ବିଗତ ଦିନକୁ ଲକ୍ଷ୍ୟକଲେ ଆମେ ସମସ୍ତେ ଅନୁମାନ କରିପାରିବା ତାଙ୍କର ରାଜନୈତିକ ପ୍ରତିଭା ବିଷୟରେ । ଶ୍ରୀମାନ ଜୈନ ମହୋଦୟ ନିଜର ରାଜନୈତିକ ଜୀବନ ଆରମ୍ଭ କରନ୍ତି ବିଗତ ୨୬ ବର୍ଷ ପୂର୍ବରୁ, ଗତ ୧୯୯୭ ରୁ ୨୦୦୨ ପର୍ଯ୍ୟନ୍ତ ଅଧକ୍ଷ, ମୁରିବାହାଲ ବ୍ଲକ । ୨୦୦୨ ରୁ ୨୦୦୭ ବଲାଙ୍ଗୀର ଜିଲ୍ଲା ଜୋନ ନମ୍ବର ୨୯ ର ଜିଲ୍ଲାପରିଷଦ ସଦସ୍ୟ। ୨୦୧୨ ରୁ ୨୦୧୭ ମୁରିବାହାଲ ବ୍ଲକ ଅଧକ୍ଷ (ସହଧର୍ମିଣୀ ଶ୍ରୀମତୀ ଲଳିତା ଦେବୀ ଜୈନ, ଉପାଧ୍ୟକ୍ଷ ନିଜେ )୨୦୧୭ ରୁ ୨୦୨୨ ବ୍ଲକ ଅଧକ୍ଷ ମୁରିବାହାଲ । ୨୦୨୨ ରେ ପରିବାରରୁ ତିନିଜଣ ସମିତି ମେମ୍ବର । ୨୦୨୩ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ । ଏତଦ ବ୍ୟତୀତ ଶହ ଶହ ଅନୁଷ୍ଠାନର ସକ୍ରିୟ କର୍ମକର୍ତ୍ତା ଭାବରେ ଅଧିଷ୍ଠିତ ହୋଇ ରହିଛନ୍ତି । ନିଶ୍ଚୟ ତାଙ୍କର ରାଜନୈତିକ କେରିଅର ଏବଂ ନିର୍ବାଚନ ମଣ୍ଡଳୀ ସ୍ତରରେ ଲୋକ ସମ୍ପର୍କକୁ ଦେଖିଲେ ଯେ କେହି ମଧ ଅନୁପ୍ରାଣିତ ହେବାରେ ତିଳେ ମାତ୍ର ଅବକାଶ ନାହିଁ । ଅନେକ ବୁଦ୍ଧିଜୀବୀ ବହୁ କଳ୍ପନା ଜଳ୍ପନା ଆରମ୍ଭ ହେବାରେ ଲାଗିଛି କି ଆଗାମୀ ନିର୍ବାଚନରେ ଶ୍ରୀମାନ ଜୈନ ମହୋଦୟଙ୍କୁ ବିଜେଡି ପ୍ରାର୍ଥୀ କରାଗଲେ ବହୁ ଭୋଟ ବ୍ୟବଧାନ ରେ ବିଜୟୀ ହେବେ ଏହା ନିର୍ବାଚନ ମଣ୍ଡଳୀର ସମସ୍ତ ମହଲରେ ମଧ ମୁଖ୍ୟ ପ୍ରସଙ୍ଗ ହୋଇସାରିଛି । ଏଣୁ ଆଗାମୀ ୨୦୨୪ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ କରାଗଲେ ଏକ ତରଫା ବିଜୟୀ ହେବେ ବୋଲି ସମ୍ପୂର୍ଣ୍ଣ ଆଶା କରାଯାଇ ପାରେ ।

## ଜୟପୁର ଓ ବୋରିଗୁମ୍ମା ବ୍ଲକକୁ ଭାଗ କରଯିବା ନେଇ ଦାବି

ଜୟପୁର,(ପି.ଏନ): ଜୟପୁର ଓ ବୋରିଗୁମ୍ମା ବ୍ଲକର ଲୋକ ସଂଖ୍ୟା ଏବଂ ଦୁର୍ଗମ ଅଂଚଳର ଅଧିବାସୀ ଙ୍କ ସଂଖ୍ୟା ବଢିଛି । ଏବଂ ଲୋକଙ୍କ ଅସୁବିଧା ଓ ସମସ୍ୟା ବଢିବାରେ ଲାଗିଛି । ଏହି ବ୍ଲକରେ ବହୁ ଦୁର୍ଗମ ଅଂଚଳ ରହିଛି । ଯେଉଁ ଠାରେ ପ୍ରଶାସନର କୌଣସି ଉନ୍ନତିମୁଳକ ସୁବିଧା ସୁଯୋଗ ପାଇ ପାରୁ ନାହାନ୍ତି । ତେଣୁ ବ୍ଲକକୁ ଦୁଇ ଭାଗ କରି ଅନ୍ୟ ଏକ ବ୍ଲକ କରିବା ପାଇ ମୁଖ୍ୟ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ଙ୍କ ଜିରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ସମାଜ ସେବି ବି ହରି ରାଓ ଙ୍କ ନେନ୍ତୃତ୍ୱରେ ଏହି ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ବ୍ଲକର ରଣ୍ଡାପାଲ୍ଲି ପଂଚାୟତର ରାମଗଡ, ବାରିଣୀପୁଟର ଚଡାପଦର ଏହିପରି ଅନେକ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପନୀୟ ଜଳର ଘୋର ଅସୁବିଧା ରହିଛି ।ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଗ୍ରାମର ଉନ୍ନତି ପାଇଁ ଅର୍ଥ ଆସୁଥିବା ସତ୍ୱେ ପ୍ରଶାସନିକ ଅଧିକାରିଙ୍କ ଦ୍ୱାରା କାଯ୍ୟକାରି ହୋଇ ପାରୁ ନାହିଁ ।

# ଜୟପୁର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

ଜୟପୁର, (ପି.ଏନ): ଜୟପୁର ଲେକ୍ ପ୍ଲେସଡ୍ ମଣ୍ଡପ ଠାରେ ଆମର ଅବିଭକ୍ତ କୋରାପୁଟ ଜିଲ୍ଲା 'ରଙ୍ଗ ମାଟି' ସଂଗଠନର ତତ୍ୱାବଧାନରେ ଆଜି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ପଦ୍ମଶ୍ରୀ କମଲାପୁଜାରି, ୟୁନିସେଫ୍ ସଙ୍ଗସେବି ଜସଶ୍ୱିନି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଥମେ ସେମାନେ ବିଘ୍ନେଶ୍ୱରଙ୍କୁ ପୂଜା କରି ଜ୍ୟୋତି ପ୍ରଜ୍ୱଳିତ କରିଥିଲେ।ଏହି ଅବସରରେ ସେ କହିଥିଲେ ଯେ ସେ ପଦ୍ମଶ୍ରୀ ପାଇବାର କାରଣ ହେଉଛି ଯେ ମୁଁ ଭାବି ନଥିଲି ମୁଁ ଜଣେ ଆଦିବାସୀ ମହିଳା, ମୁଁ ଏହି ଦେଶର ଅନ୍ନଦାତା,ବର୍ଷ ବର୍ଷ ଧରି ମୁଁ ଶହେରୁ ଅଧିକ କିସମର ଧନ ବିହନ ସଂଗ୍ରହ କରିଥିଲି ଏବଂ ସେଗୁଡ଼ିକୁ ସଂରକ୍ଷଣ କରିଥିଲି। ସେଗୁଡ଼ିକୁ ସ୍ୱମିନଥାନ୍ ରିସେଚ୍ ସଂସ୍ଥା ସରକାରଙ୍କୁ ଦେଖାଇଲେ । ଏଥିପାଇଁ ମୋ ଦେଶ ମୋତେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କଲେ । ସେ ଆଜିର ଯୁବକମାନଙ୍କୁ ଏକ ବାର୍ତା ଦେଇଛନ୍ତି ଯେ ଆପଣମାନଙ୍କ ମଧ୍ୟରୁ ଅନେକ ମହିଳା ଆଗକୁ ଜିବାକୁ ଏବଂ ଉନ୍ନତି ଦିଗକୁ ଯିବାକୁ ଦ୍ୱିଧା କରିବା ଉଚିତ୍ । ଏହି ସଭାରେ ବହୁ ଆଦର୍ଶ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତେ ସଂଗଠନ 'ରଙ୍ଗ ମାଟି' କୁ ଧନ୍ୟବାଦ ଦେଇଥିଲେ। ଆଜି, ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ଅବିଭକ୍ତ କୋରାପୁଟ ଜିଲ୍ଲା ପକ୍ଷରୁ ଅନେକ ଆଦର୍ଶ ମହିଳାଙ୍କୁ ସମ୍ମାନିତ କରିଛନ୍ତି । ଏହା ଏକ ଦିନ, ଯେତେବେଳେ ଆମେ ମହିଳାମାନଙ୍କୁ ସେମାନଙ୍କର ସଫଳତା ଏବଂ ସାଂସ୍କୃତିକ, ଅର୍ଥନୈ ତିକ, ରାଜନୈତିକ ଏବଂ ସାମାଜିକ ଦୃଷ୍ଟିରୁ ବଳିଦାନ ପାଇଁ ଚିହ୍ନିଥାଉ । ଏହା ସହିତ, ମାର୍ଚ୍ଚ ସାରା ବିଶ୍ୱରେ ମହିଳା ଇତିହାସ ମହୋତ୍ସବର ଆରମ୍ଭ ଅଟେ । ଏହା ଏକ ସ୍ମାରକୀ ଅଟେ ଯେ ମହିଳାମାନେ ପରସ୍ପରକୁ ସାହାଯ୍ୟ କରିବା, ପରସ୍ପରକୁ ସମର୍ଥନ କରିବା ଏବଂ ପରସ୍ପର ଉପରେ ବିଶ୍ୱାସ ରହିବା ଉଚିତ୍ । ଚଳିତ ବର୍ଷର ଆନ୍ତର୍ଜାତୀୟ ମହିଳା ଦିବସର ବିଷୟବସ୍ତୁ ହେଉଛି 'ଲିଙ୍ଗଗତ ସମାନତା' ପାଇଁ 'ଡିଜିଟାଲ୍ ଆଲ୍' ଇନୋଭେସନ୍ ଏବଂ ଟେକ୍ନୋଲୋଜି, ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା, ମହିଳା ଏବଂ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଏବଂ ବିକାଶ ଆବଶ୍ୟକତା ପୂରଣ କରିବାରେ ଅଭିନବ ପ୍ରଯୁକ୍ତିର ଭୂମିକାକୁ ଦର୍ଶାଉଛି। ଏହି ଦିନ, ଲୋକମାନେ ଶକ୍ତିଶାଳୀଙ୍କୁ ପ୍ରଶଂସା କରନ୍ତି । ସେମାନଙ୍କ ଜୀବନରେ ସ୍ମାର୍ଟ, ଦକ୍ଷ ଏବଂ ଅସାଧାରଣ ମହିଳା ଦୁନିଆ ପାଇଁ ଏକ ବଡ଼ ପ୍ରେରଣା । ପ୍ରତିଦିନ ସେମାନଙ୍କୁ ସମ୍ମାନ ଦିଅ । କେବେ ବି ଭୁଲିଯାଅ ନାହିଁ ଯେ ଜଣେ ମହିଳା ଜଣେ ଅଦ୍ଭୁତ, ବୁଦ୍ଧିମାନ, ପ୍ରତିଭାଶାଳୀ, ଭଲ ଆଚରଣ, ଦୁନିଆର ଅଦ୍ଭୁତ ନାରୀ, ପ୍ରିୟ, ପ୍ରଶଂସିତ, ମହିଳା ସ୍ଲୋଗାନ । ନାରୀ ଶକ୍ତି ହେଉଛି ସାହସର ଉଦାହରଣ । ମହିଳାମାନେ ଭବିଷ୍ୟତ, ତେଣୁ ଆସନ୍ତୁ ଶକ୍ତିଶାଳୀ, ସ୍ୱାଧୀନ, ଆଶ୍ଚର୍ଯ୍ୟଜନକ ମହିଳାମାନଙ୍କୁ ପାଳନ କରିବା । ଏହା ଆମ ଜୀବନରେ ଏକ ଅଦ୍ଭୁତ ଅନୁଭୂତି । ଗଣମାଧ୍ୟମ ସହିତ କଥାବାର୍ତା ବେଳେ ଅନେକ ଆଦର୍ଶ ମହିଳା ନିଜର ଖୁସି ବ୍ୟକ୍ତ କରିଥିଲେ । ସନ୍ଧ୍ୟାରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସର୍ବଭାରତୀୟ କୃଷି ଛାତ୍ର ସଂଘର ନୂତନ କ୍ୟାବିନେଟ




ଭୁବନେଶ୍ୱର,(ପି.ଏନ): ୮ ଜାନୁଆରୀ ୨୦୧୧ ରେ ସର୍ବଭାରତୀୟ କୃଷି ଛାତ୍ର ସଂଘ ନାମକ ଏହି ସଂଘ ଏକ ମଙ୍ଗଳକାରୀ ସମାଜ ରୂପେ ଉଭା ହୋଇଥିଲା ଯାହାର କି ମୂଳ ଲକ୍ଷ୍ୟ ଥିଲା କୃଷି ଏବଂ ସମନ୍ୱିତ ତଥା କୃଷି ସହ ସଂପୃକ୍ତ ଥିବା ସମସ୍ତ ଅନୁବନ୍ଧିତ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ ମାନଙ୍କର ସାମଗ୍ରିକ ବିକାଶ।ଏହି ସର୍ବଭାରତୀୟ କୃଷି ଛାତ୍ରଛାତ୍ରୀ ସଂଘ କେବଳ ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ନୁହେଁ ବରଂ ଜାତୀୟ ସ୍ତରରେ କିପରି କୃଷି ଶିକ୍ଷରେ ଉନ୍ନତି ହୋଇପାରିବ ସେଥିପାଇଁ ମଧ ପ୍ରଚେଷ୍ଟା ଜାରି ରଖିଛି।କୃଷିଶିକ୍ଷର ଏହି ଅଙ୍ଗଟି ରାଜ୍ୟ ଏବଂ କେନ୍ଦ୍ରରେ ପ୍ରଶାସନିକ କ୍ଷେତ୍ରରେ ପ୍ରତିନିଧିତ୍ୱ କରିବା ସହ କେତେ ଦଶନ୍ଧି ଧରି ଦେଶର ସର୍ବୋଚ୍ଚ କୃଷି ସଂସ୍ଥାନ ରୂପେ ଉଦୀୟମାନ ହେବାର ଗୌରବ ଅର୍ଜନ କରିଛି।ଏହି ସଂଘ ସାମ୍ନା ସାମ୍ନି ଭାବେ କୃଷିକ୍ଷେତ୍ରର ଅଭ୍ୟୁଥାନ ଉପରେ ଜୋର ଦେଉଥିବା ବେଳେ କୃଷି ସମ୍ବନ୍ଧୀୟ ଶିକ୍ଷା,ପ୍ରଥମ ଶ୍ରେଣୀୟ ଉତ୍ପାଦର ଆବିଷ୍କାର ତଥା ଉଦ୍ଭାବନ,ଗବେଷଣା ଦ୍ୱାରା କିପରି ଉତ୍ପାଦନ ସହ ସ୍ୱକୀୟ ମାନରେ ବୃଦ୍ଧି,କୃଷି ସମ୍ପ୍ରସାରଣ ମାଧ୍ୟମରେ ବିଶ୍ୱସ୍ତରୀୟ ପ୍ରାଦ୍ୟୋଗୀକିକୁ ଦେଶରେ ତୃଣମୂଳ ସୋପାନରୁ ହିଁ ପ୍ରୟୋଗ ସର୍ବୋପରି ନୂତନ ଯୁଗ ସହ ତାଳ ଦେଇ ଆଧୁନିକ ଯନ୍ତ୍ର ଯନ୍ତ୍ରାଂଶ ଆଦିର ଭିତ୍ତିଭୂମି ସୁଦୃଢ ଦିଗରେ ମଧ ବଜ୍ରତୁଲ୍ୟ ଦଣ୍ଡାୟମାନ।ଏଥି ସହିତ ସର୍ବଭାରତୀୟ କୃଷି ଛାତ୍ର ସଙ୍ଘ ଏହାର ସଦସ୍ୟଙ୍କ ପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରୀୟ ବିଭିନ୍ନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।ତତ୍ ସହିତ ବିଭିନ୍ନ ସମୟାନୁକ୍ରମ ସମ୍ବାଦପତ୍ରିକା ଏବଂ ଝବଶବଚ୍ଛସଭର ପ୍ରସ୍ତୁତି କରିବା,ଛାତ୍ର ଶିକ୍ଷକ ସଂଗଠନକୁ ମଜଭୁତ କରିବା ଏପରିକି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାବୃତ୍ତି ମଧ ପ୍ରଦାନ କରିଥାଏ।ଦୁର୍ନୀତି ବିରୋଧରେ ବିକ୍ଷୋଭ,ଅଦରକାରୀ ସରକାରୀ ନିୟମର ମୁଳୋତ୍ପାଟନ ଏବଂ ବିବାଦ ଓ ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ଦିଗରେ ଏହି ସଂଗଠନ କାର୍ଯ୍ୟରତ।୨୦୨୩ବର୍ଷ ପାଇଁ ଓଡ଼ିଶାରେ ଏହାର କାର୍ଯ୍ୟପନ୍ଥାକୁ ପରିଚାଳନା କରିବା ପାଇଁ ନିମ୍ନୋକ୍ତ ସଦସ୍ୟ ମାନଙ୍କୁ ଚୟନ କରାଗଲା। କୃଷି କ୍ଷେତ୍ରରେ ଅଧିକ ରୁ ଅଧିକ ଚାକିରୀ ସୁଯୋଗ ଆଣିବା,ଛାତ୍ରଛାତ୍ରୀ ମାନଙ୍କ ସହାୟତା ତଥା ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅନୁଷ୍ଠାନ ସର୍ବଦା କର୍ମତତ୍ପର ରହିଛି।୨୦୨୩ ବର୍ଷରେ ଶ୍ରୀ ଅନୀଲ ମିଶ୍ରଙ୍କୁ ପ୍ରାନ୍ତ ଉପଦେଷ୍ଟା,ଶ୍ରୀ ଗ ମୌସୁମ ସାହୁଙ୍କୁ ପୂର୍ବାଞ୍ଚଳର ଜାତୀୟ ଉପସଭାପତି,ଶ୍ରୀ ତାତ୍ତ୍ୱିକ ତଥାଗତ ପଣ୍ଡା ଙ୍କୁ ରାଜ୍ୟ ସଭାପତି ଏବଂ ଶ୍ରୀ ଅନିକେତ ମହାପାତ୍ରଙ୍କୁ ରାଜ୍ୟ ଜନସମ୍ପର୍କ ଅଧିକାରୀ ରୂପେ ମନୋନୀତ କରାଗଲା।ଏଥି ସହିତ ଶ୍ରୀ ବିନୁ ଭୂଷଣ ବେହେରାଙ୍କୁ ବିଶ୍ୱବିଦ୍ୟାଳୟ ସଂଯୋଜକ ତଥା ସଭାପତି, ଶ୍ରୀ ହିରଣ୍ମୟ ତ୍ରିପାଠୀଙ୍କୁ ରାଜ୍ୟ ସଚିବ,ଶ୍ରୀ ସ୍ନେହାଲ ମହାପାତ୍ରଙ୍କୁ ରାଜ୍ୟ କୃଷି ସଂଯୋଜକ,ସୁଶ୍ରୀ ଅଭିପ୍ସା ମିଶ୍ର ଙ୍କୁ ରାଜ୍ୟ କୋଷାଧକ୍ଷ, ଶ୍ରୀ ଦେବେନ୍ଦ୍ର କୁମାର ନାୟକଙ୍କୁ ବିଶ୍ୱବିଦ୍ୟାଳୟ ଜନସମ୍ପର୍କ ଅଧିକାରୀ, ଶ୍ରୀ ରବିରାଜ ପ୍ରଧାନଙ୍କୁ କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ର ସଭାପତି ଓ ଶ୍ରୀ ଆଞ୍ଜନେୟ ନାୟକଙ୍କୁ ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ସଭାପତି, ଶ୍ରୀୟାଂଶୁ ନାୟକଙ୍କୁ କୃଷିମହାବିଦ୍ୟାଳୟ, ଭବାନୀପାଟଣା ର ସଭାପତି,ନୀତିଶ କୁମାର ସାହୁ ଉପ ସଭାପତି,ଜାତୀୟ କୃଷି ବୈଷୟିକ ବିଭାଗ ଏବଂ ସୁଶ୍ରୀ ଶୁଭଶ୍ରୀ ରାଉତଙ୍କୁ ଗୋଷ୍ଠି ବିଜ୍ଞାନ ମହାବିଦ୍ୟାଳୟ ର ସଭାପତି, ରୋନାକ ପାଣିଙ୍କୁ କୃଷି ମହାବିଦ୍ୟାଳୟ, ଚିପିଲିମା ର ସଭାପତି ରୂପେ ଚୟନ କରାଗଲା।

MAHARISHI PUBLIC SCHOOL
2023-2024
ADMISSION OPEN
Maharishi Public School, Baripada



STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservation as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Saturday March 11, 2023 ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୧୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ପାରାଦୀପ ବନ୍ଦରରେ ୫୨ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ




ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅପରାହ୍ନରେ ଉଦଯାପିତ ହୋଇଯାଇଛି । ବନ୍ଦର ୪ ନମ୍ବର ଗେଟ୍ ନିକଟରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଜାତୀୟ ସୁରକ୍ଷା ସପ୍ତାହ ପତାକାକୁ ଅବତରଣ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ହରନାଦ ପୁରସ୍କୃତ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡକ୍ ଆଣ୍ଡ ସେଫଟି ଅତିରିକ୍ତ ସହ ନିର୍ଦ୍ଦେଶକ ସୋମଶେଖର ବଜରମଥ,ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷଙ୍କ ସମେତ ବନ୍ଦରର ବିଭାଗୀୟ ମୁଖ୍ୟ, ଅଧିକାରୀ ଓ ବନ୍ଦର ବ୍ୟବହାରକାରୀମାନେ ଯୋଗ ଦେଇଥିଲେ ।

## ବିଜେପି ଛାଡି କଂଗ୍ରେସରେ ଯୋଗଦାନ

ଜୟପୁର,(ପି.ଏନ): ଭାରତୀୟ ଜନତା ପାର୍ଟି ର ଜିଲ୍ଲା, ବ୍ଲକ ଓ ନଗର ସ୍ତରୀୟ କିଛି କାର୍ଯ୍ୟକର୍ତା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଙ୍କ ଉପସ୍ଥିତି ରେ କଂଗ୍ରେସ ରେ ଯୋଗଦେଲେ। ଜୟପୁର ବିଧାନସଭା କ୍ଷେତ୍ର ର ଉନ୍ନତି ମୂଳକ କାର୍ଯ୍ୟ , ବିଧାୟକ ଙ୍କ କାର୍ଯ୍ୟଶୈଳୀ ରେ ଅନୁପ୍ରାଣିତ ହୋଇ,ବିଜେପିର ଜିଲ୍ଲା ମିଡ଼ିଆ ସଯୋଜକ ସଂଜୟ ବେହେରା,ଜୟପୁର ନଗରର ବିଜେପି ସମ୍ପାଦିକା ଚିନ୍ମୟୀ ପାଇକରାଇ,ଜୟପୁର ବ୍ଲକ ଅନ୍ତର୍ଗତ ପୂର୍ବତନ ବିଜେପି ବ୍ଲକ ସଭାପତି ନରସିଂହ ନାୟକ,ଜୟପୁର ନଗର ର ସନ୍ତୋଷ ସାମନ୍ତରାୟ, ପିଙ୍କି ମହାପାତ୍ର ଓ ଅନ୍ୟାନ୍ୟ ସଦସ୍ୟ କଂଗ୍ରେସ ରେ ଯୋଗଦେଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ,କୃଷିକ୍ଷେତ୍ର ,ପାନୀୟ ଜଳ,ବାସଗୃହ, ସହର ସୌନ୍ଦର୍ଯ୍ୟ କରଣ,ଜଙ୍ଗଲ ଜମି,ଆଦିବାସୀ ସଂସ୍କୃତି ର ବିକାଶ,କଳା ବିଜ୍ଞାନ ଏପରି ବିଭିନ୍ନ କ୍ଷେତ୍ରର ବିକାଶ ଜୟପୁର ବିଧାନସଭା କ୍ଷେତ୍ର ରେ ବାହିନୀପତି ବିଧାୟକ ଙ୍କ ଦ୍ୱାରା ହୋଉଥିବା ଦେଖି ତଥା ଜୟପୁର ସର୍ବପୁରାତନ ମହାବିଦ୍ୟାଳୟ କୁ ବିଶ୍ୱବିଦ୍ୟାଳୟ ରେ ପରିଣତ କରିବାର ସଂକଳ୍ପ ର ପରିଣାମ ସ୍ୱରୂପ ବିଶ୍ୱବିଦ୍ୟାଳୟ ର ମାନ୍ୟତା ପାଇଛି ବିକ୍ରମଦ୍ୱେ ମହାବିଦ୍ୟାଳୟ। ବିଭିନ୍ନ ସମୟ ରେ ବିଭିନ୍ନ ସମସ୍ୟା ବିଧାନସଭା ରେ ଗୃହ ରେ ଉଠାଇ ସମସ୍ୟା ସମାଧାନ କରୁଥିବାରୁ ବାହିନୀପତି ଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଗାମୀ ଦିନରେ ଏହି ଅଂଚଳର ବିକାଶରେ ନିଜ ଶ୍ରମ ଦାନ କରିବା ସକାଶେ ବିଜେପି ପାର୍ଟି ଛାଡି କଂଗ୍ରେସ ରେ ଯୋଗଦେଲେ ।ଆଗାମୀ ଦିନରେ ଅନେକ ଲୋକ ଭି ଏହିପରି କଂଗ୍ରେସ ରେ ଯୋଗଦେବେ ବୋଲି ବାହିନୀପତି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜୟପୁର ପୋ ?ରାଧକ୍ଷ ନରେନ୍ଦ୍ର ମହାନ୍ତି,ବରିଷ୍ଠ କାର୍ଯ୍ୟକର୍ତା ଦେବେନ୍ଦ୍ର ବାହିନୀପତି, ବରିଷ୍ଠ ନେତା ଲକ୍ଷ୍ମୀ ନାରାୟଣ ପାଢ଼ୀ,ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟନାୟକ,ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ସାଧୁ ଚରଣ ଦାଶ ଚୌଧୁରୀ, ପିଲୁ ମହାପାତ୍ର ଓ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

## ସିଆଇଏସଏଫର ୫୪ ତମ ସଂସ୍ଥାପନା ଦିବସ ପାଳିତ



ପାରାଦୀପ,(ପି.ଏନ): କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ୍) ପାରାଦୀପ ବନ୍ଦର ଶାଖା ପକ୍ଷରୁ ଶୁକ୍ରବାର ଦିନ ଏହାର ୫୪ତମ ସଂସ୍ଥାପନା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସିଆଇଏସଏଫ କମ୍ପ୍ଲେକ୍ସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇ ଆୟୋଜିତ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ । ନିଜ ବକ୍ତବ୍ୟରେ ଶ୍ରୀ ହରନାଦ ବନ୍ଦରର ସୁରକ୍ଷା କ୍ଷେତ୍ରରେ ସିଆଇଏସଏଫ୍ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ଅକ୍ଷତ ପଟେଲ୍ ପୌରହିତ୍ୟ କରିଥିଲେ । ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁସ୍ୱରୂପଙ୍କ ତତ୍ତ୍ୱାବଧାନରେ ସିଆଇଏସଏଫ୍‌ର ଜବାନମାନେ ଫାୟାର ଡ୍ରିଲ୍ ଓ ଡଗ୍ ଡେମୋନେଷ୍ଟ୍ରସନ ପ୍ରଦର୍ଶନ କରିଥିଲେ । ସିଆଇଏସଏଫ୍‌ର ଡେପୁଟି କମାଣ୍ଡାଣ୍ଟ ବି ଭି ଦୂର୍ଗାପ୍ରସାଦ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ତିହିଡିର ୧୪ଟି କେନ୍ଦ୍ରରେ ୨୮୬୬ ଛାତ୍ରଛାତ୍ରୀ ମେଟ୍ରିକ ପରୀକ୍ଷା ଦେବେ

ଭଦ୍ରକ, (ପି.ଏନ): ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଯାଉଛି ମେଟ୍ରିକ୍ ପରୀକ୍ଷା। ଭଦ୍ରକ ଜିଲ୍ଲା ତିହିଡି ବ୍ଲକରେ ମୋଟ୍ ୧୪ଟି କେନ୍ଦ୍ରରେ ୨ ହଜାର ୮୬୬ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ନୋଡାଲ ସେ ରର ସୁପରିଟେଣ୍ଡେ ସମରେନ୍ଦ୍ରନାଥ ମିଶ୍ରଙ୍କ ଠାରୁ ସୁଚନା ମିଳିଛି। ତିହିଡି ସିଆରଏସ ହାଇସ୍କୁଲ, ତିହିଡି ସରକାରୀ ବାଳିକା ହାଇସ୍କୁଲ, ସୟା ବିପିଏସ ହାଇସ୍କୁଲ, କୋହ୍ଲ ହାଇସ୍କୁଲ, ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲ, ତିଆଡିସାହି ବାସନ୍ତୀ ନୋଡାଲ ହାଇସ୍କୁଲ, ବାରବାଟିଆ ବୈଷ୍ଣବାନନ୍ଦ ବିଦ୍ୟାପୀଠ, ସାମନ୍ତରାୟପୁର ନୋଡାଲ ହାଇସ୍କୁଲ, ପାଳିଆବିନ୍ଧା ରାମାନୁଜ ବିଦ୍ୟାପୀଠ, ଦୋଳସାହି ରାମନାରାୟଣ ହାଇସ୍କୁଲ, ଗୁଆମାଳ ବୀଣାପାଣି ନୋଡାଲ ହାଇସ୍କୁଲ, ଜୟପୁର ବାଞ୍ଛାନିଧି ନୋଡାଲ ହାଇସ୍କୁଲ, ବୋଡକ ନାୟକାଣି ହାଇସ୍କୁଲ ଓ କାଁପଡା ବାସୁଳୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରଗୁଡିକରେ ସମସ୍ତ ବ୍ୟବସ୍ଥା କରାଯାଇଛି। ସକାଳ ୮ରୁ ୧୦ ଘଟିକା ପର୍ଯ୍ୟନ୍ତ ଏବଂ ଗଣିତରେ ୮ରୁ ୧୦.୧୫ ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ଏବଂ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନ ପତ୍ର ପ୍ରଦାନ କରିବା ଲାଗି ୩ଟିମ୍ ଗଠନ କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ସହ କଡ଼ା ନିରାପ ।

## ଓଡିଶା ସାମ୍ବାଦିକ ସଂଘ କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ




ଫୁଲବାଣୀ,(ପି.ଏନ):ଓଡିଶା ସାମ୍ବାଦିକ ସଂଘ କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ ଆଜି ଜି ଉଦୟଗିରି ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ସଭାପତି ରାଧାମୋହନ ମହାପାତ୍ର ଅନୁଷ୍ଠିତ ବୈଠକରେ ସଭାପତିତ୍ୱ କରିଥିବା ବେଳେ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶୀ ଭୂଷଣ ପ୍ରହରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ।ଏବଂ ରାଜ୍ୟ କୋଷାଧକ୍ଷ ଅରୁଣ କୁମାର ଶଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ଜିଲ୍ଲା ସମ୍ପାଦକ ପ୍ରିୟବ୍ରତ ସାହୁ ଅତିଥିଙ୍କୁ ଆସନ ଅଳକୃତ ପାଇଁ ନିମନ୍ତ୍ରଣ କରିଥିବା ବେଳେ ଜିଲ୍ଲା କୋଷଧକ୍ଷ ବଟକୃଷ୍ଣ ଦାସ ସମସ୍ତ ଅତିଥି ଓ ସଭ୍ୟଙ୍କୁ ସ୍ୱାଗତ କରିଥିଲେ ।ଏହା ପରେ ସଭାପତି ରାଧାମୋହନ ମହାପାତ୍ର ମୁଖ୍ୟ ଅତିଥି,ସମ୍ମାନିତ ଅତିଥି, ଏବଂ ସଂଘର ଉପସ୍ଥିତ ସଭ୍ୟଙ୍କୁ ଉତରୀୟ ଦେଇ ସ୍ୱାଗତ ଜଣାଇବା ସହ ସମସ୍ତ ସଭ୍ୟଙ୍କୁ ଆଇଡ଼ି କାର୍ଡ ପ୍ରଦାନ କରିଥିଲେ। ଏହା ସହ ଦୀର୍ଘ ଦିନର ବ୍ୟବଧାନ ପରେ ବୈଠକ ଆୟୋଜନ କରାଯାଇଥିବାରୁ ବିଭିନ୍ନ ସମସ୍ୟ ଓ ସଂଘର ପରିଚାଳନା ସମ୍ପର୍କରେ ସମ୍ୟକ ଦୃଷ୍ଟି ଦେଇଥିଲେ ।ଏବଂ ସଂଘର ସମସ୍ତ ସଭ୍ୟଙ୍କୁ ନିଜ ନିଜର ମତ ରଖିବାକୁ କହିଥିଲେ। ରାଜ୍ୟ ସଭାପତି ଶଶୀ ଭୂଷଣ ପ୍ରହରାଜ ଏବଂ କୋଷାଧକ୍ଷ ଅରୁଣ କୁମାର ଶଡଙ୍ଗୀ ସାମ୍ବାଦିକଙ୍କ ସୁରକ୍ଷା ଦିଗରେ ସଙ୍ଘ ପକ୍ଷରୁ କଣ କଣ ଆଜିସୁଧା ପଦକ୍ଷେପ ଗ୍ରହଣ କରାଯାଇପାରିଛି ଏବଂ ସଙ୍ଘ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ସାମ୍ବାଦିକଙ୍କ ଅଧିକାର ଓ ସୁରକ୍ଷା ନେଇ ଯେଉଁ ସବୁ ଦାବି ରଖାଯାଇଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏବଂ ଆଗାମୀ ମେ' ମାସରେ ଓଡ଼ିଶା ସାମ୍ବାଦିକ ସଙ୍ଘର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ରହିଥିବା ନେଇ ସଭିଙ୍କୁ ସୂଚନା ଦେଇଥିଲେ।

## ୨୩ତମ ଫଗୁଣ ଯୁବ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,(ପି.ଏନ):ସ୍ଥାନୀୟ ବିଜୁପଟ୍ଟନାୟକ କଲେଜ ଛକଠାରେ ଗତ ମାର୍ଚ୍ଚ-୭ ଓ ୮ ତାରିଖ ଦୁଇଦିନଧରି ଚାଲିଥିବା ଫଗୁଣ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଅଶୋକ ଦାସଙ୍କ ପୌରହିତ୍ୟରେ ପ୍ରଥମ ଦିବସରେ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବି ଶିବାନନ୍ଦ ରାୟ, ରାଜ୍ୟ କଂଗ୍ରେସର ମୁଖ୍ୟ ପ୍ରବକ୍ତା ରଜନୀ ମହାନ୍ତି ଓ ରୋଟାରିୟନ ବିକେ ଶର୍ମା ଯୋଗଦେଇ ସ୍ୱର୍ଗତ ବୁନୁ ମହାପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବାପରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଦିବସରେ ନୃତ୍ୟ ପ୍ରତିଯୋଗିତା ଓ ଗାୟକ ପ୍ରିନ୍ସଙ୍କ ସଂଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକ, ସମ୍ମାନନୀୟ ଅତିଥିଭାବେ ପୂର୍ବତନ ମୁଖ୍ୟ ସାଶନ ସଚିବ ଶ୍ରୀଯୁକ୍ତ ବିଜୟ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଗିତାଳି ମହାନ୍ତି ଯୋଗଦେଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମ୍ମାନତୀ ବ୍ୟକ୍ତିଙ୍କୁ ସମ୍ମାନୀତ କରିଥିଲେ। ଯଥା କ୍ରୀଡ଼ା ପାଇଁ କ୍ରିକେଟିୟର ଅନିଲ ଶତପଥି, କଳାକାର କ୍ଷେତ୍ରରେ ଗାୟିକା ଜୟଶ୍ରୀ ଧଳ, ଗାୟକ ଓ ସମାଜସେବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଗିତ ଗାଇଥିବା ସରୋଜ ଜେନା, ଅଭିନେତ୍ରୀ ଓ ମଂଚ ଉପସ୍ଥାପିକ ଭାବେ କୁମାରୀ ବୁଲବୁଲ, ଅଭିନେତା ଓ ଖଳନାୟକ ଭାବେ କାଳିଚରଣ ଆଚାର୍ଯ୍ୟଙ୍କୁ ସମ୍ମାନୀତ କରିବା ସହ ପ୍ରଥମ ଦିନର ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅତିଥିମାନେ ତାଙ୍କ ଭାଷଣରେ ଆର୍ଯ୍ୟ କମିଟିର ଏଭଳି ପ୍ରୟାସ ଦୀର୍ଘ ୨୩ବର୍ଷଧରି ଏହି କାର୍ଯ୍ୟକ୍ରମ ଆୟୋଜ କରିଥିବାରୁ ବହୁ ପ୍ରଂଶସା କରିବା ସହିତ କୁନି କୁନି କଳାକାରମାନଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ଭବିଷ୍ୟତ ଉଜ୍ଜଳ ହେଉ ବୋଲି କହିଥିଲେ। ଉପସ୍ଥିତ ଦର୍ଶକ ଶାନ୍ତି ଶୃଙ୍ଖଳା ସହ ବସି କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ସହଯୋଗ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଶ୍ରୀମତୀ ମହାନ୍ତି ଆର୍ନ୍ତଜାତିକ ମହିଳା ଦିବସ ଉପଲକ୍ଷେ ସମସ୍ତ ମା'ଭଉଣୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ସୁରକ୍ଷା ପ୍ରଦାନ ସରକାରଙ୍କ ଦୃଷ୍ଟି ନିହାତି ଆବଶ୍ୟକ ବୋଲି କହିଥିଲେ। କମିଟିର ସଭାପତି ଶ୍ରୀ ଦାସଙ୍କ ସଭାପିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଦେବାଶିଷ ଦାସ, ଅନିଲ ଦାସ, ଭରତ ରଣା, ପ୍ରଫୁଲ ଭୂୟାଁ, ପ୍ରମୋଦ ପ୍ରଧାନ, ବାବୁଲାଲ ସ୍ୱାଇଁ, ମନୋରନ ବେହେରା, ପବିତ୍ର ଦାସ, ପ୍ରବିଣ ମହାନ୍ତି, ପ୍ରତାପ ମହାନ୍ତି, ଦୀପକ ଦିଗଲ, ପରେଶ ପଣ୍ଡା, ସୁବାସ ସାହୁ ପ୍ରମୁଖ ଏହି ମହୋତ୍ସବକୁ ସଫଳ କରିବା ପାଇଁ ଉଦ୍ୟମ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray